
ସାପ୍ତାହିକ ସ୍ୱୀକାର
Postal Regd. No.: SBP/14/2019-2021
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 2 | 09 - 15 January 2022 | Sambalpur | Page-12 | Invitation Price Rs.10

# ଝଲସୁଛି ଡକ୍ଟର ପି.କେ ମିଶ୍ର ଖଡି ଛୁଇଁଥିବା ବି.ଏମ୍. ପଟ୍ଟନାୟକ ସ୍କୁଲ







ସମ୍ବଲପୁର : ବର୍ତ୍ତମାନ ଉଚ୍ଚ ପଦପଦବୀରେ ଅବସ୍ଥାପିତ ହେଲେ ସେହି ବ୍ୟକ୍ତିମାନଙ୍କ ମନରେ ଅହଂଭାବ ସୃଷ୍ଟି ହେଉଥିବା ପରିଲକ୍ଷିତ ହେଉଛି । ଏପରିକି ସେମାନେ ନିଜର ଜ୍ଞାତି କୁଟୁମ୍ବ ଓ ଜନ୍ମସ୍ଥାନକୁ ଭୁଲିଯିବାକୁ ପଛାଉ ନାହାନ୍ତି । ତେବେ ଏହି କ୍ଷେତ୍ରରେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ହେଉଛନ୍ତି ସମ୍ବଲପୁର ଡକ୍ଟର ପ୍ରମୋଦ କୁମାର ମିଶ୍ର । ସାଧାରଣତଃ ପ୍ରଚାର ପ୍ରସାରରୁ ଦୂରେଇ ରହି କାମ ଉପରେ ବିଶ୍ୱାସ କରୁଥିବା ଡକ୍ଟର ମିଶ୍ର ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ପ୍ରମୁଖ ସଚିବ ଭଳି ମର୍ଯ୍ୟାଦାଜନକ ଉଚ୍ଚ ପଦବୀରେ ଅବସ୍ଥାପିତ ହୋଇଥିଲେ ମଧ ନିଜର ଜନ୍ମମାଟି ଓ ତାଙ୍କୁ ମଣିଷ କରି ଗଢ଼ିତୋଳିଥିବା ଶିକ୍ଷାନୁଷ୍ଠାନକୁ ଭୁଲି ନାହାନ୍ତି । ଏହାର ପ୍ରମାଣ ଦେଖିବାକୁ ମିଳୁଛି ସମ୍ବଲପୁର ସହରର ପଟ୍ଟନାୟକ ପଡ଼ା ସ୍ଥିତ ବ୍ରଜମୋହନ ପଟ୍ଟନାୟକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଚନ୍ଦ୍ର ଶେଖର ବେହେରା ଜିଲ୍ଲାସ୍କୁଲ । ସେ ଖଡ଼ି ଛୁଇଁଥିବା ଛପର ଘରର ଶିକ୍ଷାନୁଷ୍ଠାନ ତାଙ୍କରି ଉଦ୍ୟମରେ ଆଜି ଏକ ସୁଦୃଶ୍ୟ କୋଠାରେ ପରିଣତ ହୋଇଛି । ଆଖି ଝଲସି ଉଠୁଥିବା କୌଣସି ଘରୋଇ ଶିକ୍ଷାନୁଷ୍ଠାନରୁ ଏହା କୌଣସି ଗୁଣରେ କମ୍ ନୁହେଁ । ଡକ୍ଟର ମିଶ୍ରଙ୍କ ପରାମର୍ଶକ୍ରମେ ଏନ୍.ଟି.ପି.ସି ପକ୍ଷରୁ ପ୍ରାୟ ଦେଢ଼କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ହୋଇ ଥିବା ଏହି ପ୍ରାଥମିକ ବିଦ୍ୟାଳୟ ଦୁଇ ମହଲା କୋଠାରେ



ପରିଣତ ହୋଇଛି । ମାର୍ବଲ ଚଟାଣ, ବଡ଼ ବଡ଼ ଶ୍ରେଣୀ କକ୍ଷ ସାଙ୍ଗକୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଲାଗି ସି.ସି. ଟିଭି ଖଞ୍ଜା ଯାଇଛି । ୨୫୦ ଜଣ ଛାତ୍ରଛାତ୍ରୀ ପଢ଼ିବା ପାଇଁ ରହିଛି ୮ଟି ଶ୍ରେଣୀ କକ୍ଷ । ସେହି କକ୍ଷମାନଙ୍କରେ ଲାଗିଛି ହାଇ ଟେକ୍ ବୋର୍ଡ, କମ୍ପ୍ୟୁଟର ଲ୍ୟାବ ଓ ଅତ୍ୟାଧୁନିକ ପାଠାଗାର । ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ହୁଇଲ ଚେୟାର ବ୍ୟବସ୍ଥା ମଧ ରହିଛି । ଛାତ୍ରଛାତ୍ରୀମାନଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ଆକ୍ୱାଗାର୍ଡ ଲଗାଯାଇଛି । ସମସ୍ତ କୋଠରୀରେ ପାଇଖାନା ତିଆରି ଓ ଡଷ୍ଟବିନ୍ ରଖାଯାଇଛି । କୌଣସି କାରଣରୁ ନିଆଁ ଲାଗିଲେ ତାର ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଅଗ୍ନି ନିର୍ବାପକ ବ୍ୟବସ୍ଥା ରଖାଯାଇଛି । ଏହାଛଡ଼ା ପିଲାମାନଙ୍କ ପାଇଁ ବିଭିନ୍ନ ଖେଳଣା ମଧ ରଖାଯାଇଛି ଓ ବିଭିନ୍ନ ଉତ୍ସବ ପାଳନ ପାଇଁ ଖୋଲା ପ୍ରେକ୍ଷାଳୟ ତିଆରି କରାଯାଇଛି ।

ପୂର୍ବରୁ ସେ ହାଇସ୍କୁଲ ପାଠ ପଢ଼ିଥିବା ଚନ୍ଦ୍ରଶେଖର ବେହେରା ଜିଲ୍ଲାସ୍କୁଲର ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଗତ ୨୦୧୪ ମସିହାରେ ମଧ ବିଦ୍ୟାଳୟ କୋଠାର ପୁନଃନିର୍ମାଣ ଏବଂ ଅତ୍ୟାଧୁନିକ ବ୍ୟବସ୍ଥା ହୋଇଥିଲା । ଏହାଛଡ଼ା ବିଦ୍ୟାଳୟ ପାଖରେ ଏକ ସୁଦୃଶ୍ୟ ତୋରଣ ମଧ ନିର୍ମିତ ହୋଇଥିଲା । ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଦୁଲାଲ କଲାମଙ୍କୁ ମୁଖ୍ୟ ଅତିଥି ରୂପେ ନିମନ୍ତ୍ରଣ କରାଯାଇ ଏକ ଭବ୍ୟ ଉତ୍ସବରେ ଆୟୋଜନ ହୋଇଥିଲା ।କେବଳ ଏତିକି ନୁହେଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ନିର୍ମିତ ହୋଇ ଦୀର୍ଘବର୍ଷ ହେବ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପଡ଼ି ରହିଥିବା ଝାରସୁଗୁଡ଼ା ବିମାନ ବନ୍ଦରକୁ ପୁନଃ କାର୍ଯ୍ୟକ୍ଷମ କରାଇବା ଓ ସମ୍ବଲପୁର ଆଇ.ଆଇ.ଏମ୍ ପ୍ରତିଷ୍ଠା କରିବାରେ ମଧ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

## ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ କରୋନାରେ ସଂକ୍ରମିତ



ଝାରସୁଗୁଡ଼ା : ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କରୋନାରେ ଆକ୍ରାନ୍ତ ହୋଇଛନ୍ତି । ସେ ଲକ୍ଷଣ ବିହୀନ ଥିଲେ । ତେବେ ତାଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ହୋମ୍ ଆଇସୋଲେଶନରେ ରହିଛନ୍ତି । ଏ ନେଇ ମନ୍ତ୍ରୀ ନିଜେ ଟୁଇଟ୍ କରି ସୂଚନା ଦେଇଛନ୍ତି । ତାଙ୍କର କରୋନା ରିପୋର୍ଟ ପଜିଟିଭ୍ ବାହାରିଥିବା ସେ ଜଣାଇଛନ୍ତି । ଏଥି ସହିତ ଗତ ୩ ଦିନ ମଧରେ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ କରୋନା ଟେଷ୍ଟ କରାଇ ନେବାକୁ ମନ୍ତ୍ରୀ ଦାସ ପରାମର୍ଶ ଦେଇଛନ୍ତି ।

## ସମ୍ବଲପୁର ଓ ରେଢ଼ାଖୋଲରେ ତପସ୍ୱିନୀ ଏକ୍ସପ୍ରେସ୍‌କୁ ସ୍ୱାଗତ




ସମ୍ବଲପୁର : ଏଲ୍‌ଏଚ୍‌ବି କୋଚ ସହିତ ପୁରୀ ଠାରୁ ହାଟିଆ ପର୍ଯ୍ୟନ୍ତ ଚାଲୁଥିବା ପୁରୀ-ହାଟିଆ ଏକ୍ସପ୍ରେସ୍ ଟ୍ରେନର ଭୁବନେଶ୍ୱର ଷ୍ଟେସନ୍‌ଠାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଶିକ୍ଷା ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭାରମ୍ଭ କରିଛନ୍ତି । ସେହି ସମୟରେ ସମ୍ବଲପୁର ରେଳ ଷ୍ଟେସନ ପରିସରରେ ସମ୍ବଲପୁର ସାଂସଦ ନିତେଶ ଗଙ୍ଗଦେବ, ରେଙ୍ଗାଲି ବିଧାୟକ ନାଉରୀ ନାୟକ ସବୁଜ ପତାକା ଦେଖାଇ ଟ୍ରେନ୍‌କୁ ସ୍ୱାଗତ କରିଥିଲେ । ପୂର୍ବତଟ ରେଳପଥର ମଣ୍ଡଳ ଯନ୍ତ୍ରୀ ପ୍ରସନଜିତ୍ ଚୌଧୁରୀଙ୍କ ଅଧକ୍ଷତାରେ ରେଢ଼ାଖୋଲ ଷ୍ଟେସନରେ ଆୟୋଜିତ ସମାରୋହରେ ରେଢ଼ାଖୋଲ ବିଧାୟକ ତଥା ଉପମୁଖ୍ୟ ସଚେତକ ଇଂ. ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରେଢ଼ାଖୋଲ ଷ୍ଟେସନକୁ ସନ୍ଥକବି ଭୀମଭୋଇଙ୍କ ନାମରେ ନାମିତ କରାଯିବା, ରାଜଧାନୀ ଏକ୍ସପ୍ରେସ ଟ୍ରେନର ରେଢ଼ାଖୋଲ ଷ୍ଟେସନରେ ରହଣି କରାଯିବା, ଦୀର୍ଘଦିନ ହେବ ବନ୍ଦ ହୋଇ ରହିଥିବା ସମ୍ବଲପୁର-ପୁରୀ ଇଣ୍ଟରସିଟି ଟ୍ରେନ୍ ଚଳାଇବା ସହିତ ଏହି ଟ୍ରେନ୍‌କୁ ଭୀମଭୋଇଙ୍କ ନାମରେ ନାମିତ କରାଯିବା, ଷ୍ଟେସନ୍‌ରେ ଲାଗିଥିବା ଲିଫ୍ଟ ଅନେକ ସମମୟରେ ଅଚଳ ହୋଇ ପଡୁଥିବାରୁ ଲିଫ୍ଟ ନିୟମିତ ଚଳାଇବା, ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱୟଂ ଚାଳିତ ଯାନ୍ତ୍ରିକ ଶିଢ଼ିର ବ୍ୟବସ୍ଥା କରାଯିବା, ବୌଦ୍ଧ ପାର୍ଶ୍ୱରୁ ଷ୍ଟେସନକୁ ରାସ୍ତା ନିର୍ମାଣ କରାଯିବା ପାଇଁ ଦାବି ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଏଡିଇନ୍ ରବିଶଙ୍କର,ଏସିଏମ୍ ଏ.କେ. ଭି, ଏସିଏସ୍ ମୁକେଶ କୁମାର, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ, ପ୍ରତାପ ପ୍ରଧାନ, ପୂର୍ବତନ ଏନ୍‌ଏସି ଉପାଧକ୍ଷ ସୁନିଲ ପ୍ରଧାନ, ବିଜେଡି ନଗର ସଭାପତି ସିଦ୍ଧାର୍ଥ ଶଙ୍କର ପ୍ରଧାନ, ପୂର୍ବତନ କାଉନସିଲର ଜ୍ଞାନରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଗୋପବନ୍ଧୁ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଦୀପକ ରାଉତ ଧନ୍ୟବାଦ ଦେଇଥିଲେ ।

## ସମ୍ବଲପୁର ଜିଲ୍ଲାପାଳ ଭାବେ ଦାୟିତ୍ୱ ନେଲେ ଦିବ୍ୟଜ୍ୟୋତି ପରିଡ଼ା

ସମ୍ବଲପୁର: ୨୦୧୬ ବ୍ୟାଚ୍ ଆଇ.ଏ.ଏସ୍ ଅଧିକାରୀ ଦିବ୍ୟଜ୍ୟୋତି ପରିଡ଼ା ସମ୍ବଲପୁରର ନୂଆ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ । ଏହା ପୂର୍ବରୁ ରାଉରକେଲା



ମହାନଗର ନିଗମର କମିସନର୍ ତଥା ସ୍ମାର୍ଟ ସିଟି ଲିମିଟେଡର ସିଇଓ ଥିବା ଶ୍ରୀ ପରିଡ଼ା ସେଠାରେ ଭାରପ୍ରାପ୍ତ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ବାଲେଶ୍ୱର ଜିଲ୍ଲା ନିବାସୀ ଶ୍ରୀ ପରିଡ଼ା ଆଇଏଏସ୍ ତାଲିମ ପରେ ସମ୍ବଲପୁରରୁ ହିଁ ପ୍ରୋବେସନର ଅଧିକାରୀଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ଏଠାରେ ବିଭିନ୍ନ ପଦପଦବିରେ ରହି ପ୍ରଶାସନିକ ଅଭିଜ୍ଞତା ହାସଲ କରିଥିଲେ । ଏହାପରେ ବାରିପଦା ଉପଜିଲ୍ଲାପାଳ ଭାବେ ପ୍ରଥମ ପୋଷ୍ଟିଂ ପାଇ ଚାକିରୀ ଜୀବନ ଆରମ୍ଭ କରିଥିଲେ । ସେଠାରୁ ଆରଏମସି କମିସନର ଭାବେ ରାଉରକେଲା ଆସିଥିଲେ ।

## ଏ ସଂଖ୍ୟାରେ..


ଜୁସ୍ ପିଇ ସୁସ୍ଥ ରୁହନ୍ତୁ


ସୌନ୍ଦର୍ଯ୍ୟରେ ଭରପୂର କଦଳୀ


ମେଥିଦାନାର ବ୍ୟବହାର


ଲବଙ୍ଗର ଔଷଧୀୟ ଗୁଣ


ଘିକୁଆଁରୀର ଉପକାରିତା

# ପ୍ରତାପ ନନାଙ୍କ ଚାଳଘରେ ଖାଇଲେ ରେଳମନ୍ତ୍ରୀ



ବାଲେଶ୍ୱର : ବାଲେଶ୍ୱର ଗସ୍ତରେ ଆସିଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାଲେଶ୍ୱର ଷ୍ଟେସନରେ ମେମୁ ଟ୍ରେନ ଚଳାଚଳ ଶୁଭାରମ୍ଭ ଓ ନୀଳଗିରି ଗୋପୀନାଥପୁରରେ ଷ୍ଟେଶନ ଶିଳାନ୍ୟାସ କରିବା ପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବର୍ତ୍ତମାନର ଲୋକସଭା ସଦସ୍ୟ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଗାଁ ଗୋପୀନାଥପୁରରେ ପହଞ୍ଚିଥିଲେ । ଏହାପରେ ରେଳମନ୍ତ୍ରୀ ଅଶ୍ୱିନୀ ଏମ.ପିଙ୍କ ଚାଳଘରେ କଦଳୀପତ୍ରରେ ଭୋଜନ କରିଥିଲେ । ଭାତ, ଡାଲି, ଘାଣ୍ଟ, ମିକ୍ସ ତରକାରୀ, ଦହି ବାଇଗଣ, ବିଲାତି ଖଟା, ବୋଇତାଳୁ ଫୁଲ ବଡ଼ି, କାନିକା, ମଣ୍ଡା ପିଠା, ପୋଡ଼ ପିଠା, ଜହ୍ନି ଆଳୁ ପୋସ୍ତ, ଶାଗ, ଫୁଚଗୁଡି- ଆଳୁ ଭଜା, କଦଳୀ ଚୋପା ପତୁଆ, କଦଳୀ ଚିପ୍ସ, ଶିମ୍ବ ଭଜା, ବଡ଼ିଚୁରା, ଇଞ୍ଚଡ ତରକାରୀ, ପନିର ତରକାରୀ ଆଦି ମନ୍ତ୍ରୀଙ୍କୁ ପରଷା ଯାଇଥିଲା । କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ତଳେ ବସି ବେଶ୍ ଆଗ୍ରହର ସହ ଖାଇବା ସହ ନଳକୂପରୁ ପାଣି ମଧ ପିଇଥିଲେ । ରେଳମନ୍ତ୍ରୀଙ୍କ ସହିତ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ସ୍ଥାନୀୟ ବିଧାୟକ ଡ଼ଃ. ସୁକାନ୍ତ କୁମାର ନାୟକ ଓ ଅନ୍ୟ ଭାଜପା ନେତୃବୃନ୍ଦ ଭୋଜନରେ ସାମିଲ ଥିଲେ ।

# ମହାନଦୀ ଯୁବ ସଂଗଠନର ବାର୍ଷିକୋତ୍ସବ

ସୋନପୁର: ବିନିକାର ମହାନଦୀ ଯୁବ ସଂଗଠନର ପ୍ରଥମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା କ୍ଷୀରସାଗର ବିଭାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିନିକା ବ୍ଲକ ଅଧ୍ୟକ୍ଷ କିଶୋର ନନ୍ଦ ଓ ବିନିକା ବିଡିଓ ବ୍ୟାସଦେବ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଶାଶ୍ୱତ କୁମାର ତ୍ରିପାଠୀ, ଆଇନଜୀବୀ ଅଦ୍ୱୈତ କୁମାର ପଣ୍ଡା, ବରିଷ୍ଠ ଆଇନଜୀବୀ ସନ୍ତୋଷ କୁମାର ପଣ୍ଡାଙ୍କ ସମେତ ବିନିକା ସିଦ୍ଧାର୍ଥ ଡିଗ୍ରୀ ମହିଳା କଲେଜ ଅଧ୍ୟକ୍ଷା ରେଖା ପ୍ରଧାନ, କମିଟି ସଦସ୍ୟ ଜୟମଙ୍ଗଳ ବିଶି, ବସନ୍ତ କୁମାର ସୁବୁଦ୍ଧି, ଜିଲ୍ଲା ରେଆର ସଂଗଠନର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ, ବିନିକାର ବିଶିଷ୍ଟ ବ୍ୟବସାୟୀ ପ୍ରଶାନ୍ତ କୁମାର ବାବୁ, ବିନିକା ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନୀଳାଚଳ ମେହେର, ବିନିକାର ପୂର୍ବତନ ଉପ ପୌରାଧ୍ୟକ୍ଷା ତପସ୍ୱିନୀ ମେହେର, ମହାନଦୀ ଯୁବ ସଂଗଠନର ପ୍ରମୁଖ ସଦସ୍ୟ ସନ୍ତୋଷ ବନଛୋର, ବିଜୟ ବରେଇ, ସୀତାରାମ ଦାସ, ହାଡିବନ୍ଧୁ ମେହେର, ଦ୍ୱୀପାନ୍ୱିତା ମାହାଣା, ଯୁଗେଶ ମେହେର ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

# ଲଇକେରା ନୂତନ ବ୍ଲକ ଅଫିସ୍ କୋଠା ନିର୍ମାଣ ପାଇଁ ଭୂମି ପୂଜା




ଝାରସୁଗୁଡ଼ା: ୬୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଲଇକେରା ବ୍ଲକ କାର୍ଯ୍ୟାଳୟର ନୂତନ କୋଠା ନିର୍ମାଣ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ ଦାସ ଭୂମି ପୂଜନ ସହ ଶିଳାନ୍ୟାସ କରିଛନ୍ତି ।

ଏ ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ପଟେଲ, ଜିଲ୍ଲାପାଳ ସରୋଜ ସାମଲ, ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ, ବ୍ଲକ ଅଧ୍ୟକ୍ଷା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଲେଖ ଘୁଟାଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଗାଁ ମୁଖିଆ ଟଙ୍କଧର ନାଏକଙ୍କ ସହ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

# ଜାତୀୟ ରାଜପଥ ଗୁଡିକର ସ୍ଥିତି ସମୀକ୍ଷା କଲେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର



ସମ୍ବଲପୁର: ଉତ୍ତରାଞ୍ଚଳ ରାଜସ୍ୱ କମିସନର ଡକ୍ଟର ସୁରେଶ ଚନ୍ଦ୍ର ଦଳେଇ ଉତ୍ତରାଞ୍ଚଳ ଡିଭିଜନ ଅନ୍ତର୍ଗତ ଚାଲିଥିବା ବିଭିନ୍ନ ଜାତୀୟ ରାଜପଥ ଗୁଡିକର କାର୍ଯ୍ୟ ସମୀକ୍ଷା କରିଛନ୍ତି । ସମ୍ବଲପୁର -ଅନୁଗୁଳ, ଅନୁଗୁଳ -ମୁଣ୍ଡଳି (କଟକ ), ପାଣିକୋଇଲି -ରିମୁଳୀ, ବିଞ୍ଜବାହା-କେନ୍ଦୁଝର ଜାତୀୟ ରାଜପଥ ଗୁଡିକର କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରିଛନ୍ତି । ନିର୍ଦ୍ଧାରିତ ସମୟ ଅର୍ଥାତ ଜୁନ ୨୦୨୨ ଭିତରେ ଏହି ସମସ୍ତ ଜାତୀୟ ରାଜପଥ ଗୁଡିକର ରାସ୍ତା କାମ ସାରିବା ପାଇଁ ରାଜସ୍ୱ କମିଶନର ନିର୍ଦ୍ଦେଶ ଦେଇଛନ୍ତି । ଯଦି କୌଣସି ଜାତୀୟ ରାଜପଥର ମରାମତି କାମ ଥିଲେ ତାହାକୁ ମଧ ତୁରନ୍ତ ସାରି ଯାନ ବାହାନ ଗୁଡିକର ଯାତାୟାତ ଉପଯୋଗୀ କରିବାକୁ ଆର. ଡି. ସି ନିର୍ଦ୍ଦେଶ ଦେଇଛନ୍ତି ।

# ଶ୍ରୀନିବାସ ଉଦ୍‌ଗାତାଙ୍କ ୮୭ ତମ ଜୟନ୍ତୀ ପାଳିତ

ବଲାଙ୍ଗୀର : ସାରସ୍ୱତ ସ୍ରଷ୍ଟା ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡକ୍ଟର ଶ୍ରୀନିବାସ ଉଦଗାତାଙ୍କ ୮୭ ତମ ଜନ୍ମବାର୍ଷିକୀ ଅବସରରେ କବିକୁଟୀର ସମ୍ମୁଖରେ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଥିଲା । ସ୍ମୃତିବିନ୍ଦୁ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ତଥା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ଅଭିନନ୍ଦନ ଶ୍ରୀନିବାସ' କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଉଦଗାତାଙ୍କୁ ବହୁ ବିଶିଷ୍ଟ ବ୍ୟକ୍ତି, କବି, ଲେଖକ, ସାହିତ୍ୟପ୍ରେମୀ ଜନ୍ମ ଦିନର ଅଭିନନ୍ଦନ ଜଣାଇଥିଲେ । ତାଙ୍କ ସହଧର୍ମିଣୀ ସୌଦାମିନୀ ଉଦଗାତା ଓ ନଳିନୀପ୍ରଭା ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ପ୍ରଫେସର ରବି ଶଙ୍କର ପାଣ୍ଡିଆ, କବି ବିଜୟ କୁମାର ତ୍ରିପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ଜୟଦେବ ପାଣିଗ୍ରାହୀ, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ବିଭାଗ ସ୍ୱତନ୍ତ୍ର ଅଧିକାରୀ ବିଜୟ ଶତପଥି, କବି ସନ୍ଦୀପ କୁମାର କୁଅଁର, ହୃଷିକେଶ ପୁରୋହିତ, ଶିବ ଖୁଆସ, ସୁଦୀପ କୁମାର ଗୁରୁ, ପ୍ରେସକ୍ଲବ ସଭାପତି ଅରୁଣ ମିଶ୍ର, ସତ୍ୟସୁନ୍ଦର ଭଞ୍ଜ, କପିଳ ପତି, ପ୍ରଶାନ୍ତ ମହାକୁର, ମାହେଶ୍ୱରୀ ସଙ୍ଗଠନର ଅଙ୍କୁଶ ପାଣ୍ଡିଆ, ବିଶ୍ୱଜିତ୍ ଦାଶ, ବ୍ୟାସଦେବ ନନ୍ଦ, ରତନ ମହାରଣା, ପ୍ରଭାକର ମିଶ୍ର, ଅଜିତ ମହାନ୍ତି, ପରିବାର ସଦସ୍ୟ ଉପସ୍ଥିତ ରହି କବି ଉଦଗାତାଙ୍କ ସାରସ୍ୱତ କୃତୀ ଓ ଗୌରବ ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମକୁ ବୀରେନ୍ଦ୍ର କୁମାର ଝାଙ୍କର ସଂଯୋଜନା କରିଥିବା ବେଳେ କବି ଉଦଗାତା ୩୧୬ ଖଣ୍ଡ ବହିର ସ୍ରଷ୍ଟା ଏବଂ ୭ଟି ଭାଷାରେ ଅନୁବାଦ କରି ସେ ଜାତୀୟସ୍ତରରେ ସୁନାମ ଅର୍ଜନ କରିଛନ୍ତି ବୋଲି ନାଟ୍ୟଭୂଷଣ ଛୁରିଆ ସୂଚନା ଦେଇଥିଲେ । ଯୁଧିଷ୍ଠିର ମେହେର ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଡକ୍ଟର ଉଦ୍‌ଗାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ପାତାଳୀ ଶ୍ରୀକ୍ଷେତ୍ରରୁ ପୁରୀକୁ ଚାଲିଲା ସରକାରୀ ବସ୍

ସୋନପୁର: ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କୋଟସମଲାଇ ସ୍ଥିତ ପ୍ରସିଦ୍ଧ ପାତାଳୀ ଶ୍ରୀକ୍ଷେତ୍ରରୁ ପୁରୀ ଶ୍ରୀକ୍ଷେତ୍ରକୁ ସରକାରୀ ବସ୍ ଚଳାଚଳର ଶୁଭାରମ୍ଭ ହୋଇଛି । ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ସବୁଜ ପତାକା ଦେଖାଇ ବସ୍ ସେବାର ଶୁଭାରମ୍ଭ କରିଥିଲେ । ପ୍ରାରମ୍ଭରେ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର ପାଢ଼ୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଏହି ବସ୍ ପାତାଳୀ ଶ୍ରୀକ୍ଷେତ୍ରକୁ ବାହାରି ଯାଲୋଏ, ଉଲୁଣ୍ଡା, ବିନିକା, ସୋନପୁର ଦେଇ ଶ୍ରୀକ୍ଷେତ୍ର ପୁରୀକୁ ଚାଲିବ । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ସୁବର୍ଣ୍ଣପୁର ଜିଲ୍ଲା ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ଅତିରିକ୍ତ ପରିବହନ ଅଧିକାରୀ ଶିବାଶିଷ ସାହୁ, ପାତାଳୀ ଟ୍ରଷ୍ଟର ସମସ୍ତ ସଦସ୍ୟ ଏବଂ ଦଳୀୟ କର୍ମୀମାନେ ଉପସ୍ଥିତ ରହିଥିଲେ ।

# ସୋନପୁରରେ ଜିଲ୍ଲାସ୍ତରୀୟ ଯୁବ ସମ୍ମିଳନୀ

ସୋନପୁର : ନେହେରୁ ଯୁବ କେନ୍ଦ୍ର ସହଯୋଗରେ ଜିଲ୍ଲାସ୍ତରୀୟ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୁବ ଅଧିକାରୀ ଏ.ଭି ନରସିଂହା କୁମାର ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବକମାନଙ୍କ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଜି.ଏମ୍. ଡି ଆଇସି ବଳଭଦ୍ର ନାୟକ, ଶରତ ଶତପଥୀ, ବଂଶୀଧର ନାୟକ, ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଭା କାର୍ଯ୍ୟକୁ ନକୁଳ ନାୟକ ସଂଯୋଜନା କରିଥିବାବେଳେ ବିପିନ ବିହାରୀ ଜେନା ଓ କୃପାସିନ୍ଧୁ ସାଙ୍ଗ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଉତ୍ତମ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାଗବତ

# ରୁକ୍ମିଣୀ ହରଣ

**ରୁ**କ୍ମିଣୀଙ୍କ ପରି ଅଟଳ ବିଶ୍ୱାସ ଯାହାର ଥାଏ ତାକୁ ହିଁ ଭଗବାନ ଆପଣାର କରନ୍ତି । ରୁକ୍ମିଣୀଙ୍କ ପତ୍ର ପଢ଼ିସାରି ଶ୍ରୀକୃଷ୍ଣ ପ୍ରସନ୍ନ ହୋଇଗଲେ । ରୁକ୍ମିଣୀ ତାଙ୍କ ପାଇଁ ଅନ୍ନ ଓ ନିଦ୍ରା ତ୍ୟାଗ କରିଦେଇ ଥିବା କୃଷ୍ଣ ଶୁଣିବାକୁ ପାଇଲେ । ସେ ଦୃଢ଼ ସ୍ୱରରେ କହିଲେ, ମୁଁ ନିଶ୍ଚୟ ରୁକ୍ମିଣୀଙ୍କୁ ବିବାହ କରିବି ।

ଆମେ ଯାହା କହୁଥିବା ତାହା କର୍ମରେ ରୂପାନ୍ତରିତ କରୁଥିବା ଆବଶ୍ୟକ । ମନ ଓ କ୍ରିୟା ଏକ ହେବା ଆବଶ୍ୟକ । ସେହିପରି ଲୋକକୁ ଭଗବାନ ଭଲ ପାଆନ୍ତି । ଛନ୍ଦ, କପଟ ଓ ଛିଦ୍ରାନ୍ୱେଷୀକୁ ଭଗବାନ ପସନ୍ଦ କରନ୍ତି ନାହିଁ ।

ରୁକ୍ମିଣୀ ହେଉଛନ୍ତି ଶ୍ରୀକୃଷ୍ଣଙ୍କର ଆଦ୍ୟା ଶକ୍ତି । ସେ ଶ୍ରୀକୃଷ୍ଣଙ୍କ ବ୍ୟତୀତ ଅନ୍ୟ କାହାକୁ କଦାପି ବିବାହ କରିପାରନ୍ତି ନାହିଁ ।

ଭଗବାନ ତାଙ୍କ ସାରଥୀ ଦାରୁକକୁ ରଥ ସଜାଡିବାକୁ କହିଲେ । ରଥ ପ୍ରସ୍ତୁତ ହୋଇଗଲା ଯାତ୍ରା ନିମନ୍ତେ । କୃଷ୍ଣ ସୁଦେବ ବ୍ରାହ୍ମଣଙ୍କୁ ବନ୍ଦୀ କରି ଓ ଶ୍ରୀ ଗଣେଶଙ୍କୁ ସ୍ମରଣ କରି ରଥରେ ଚଢ଼ିଗଲେ ।

ଶ୍ରୀକୃଷ୍ଣ ନିଜେ ଭଗବାନ । ତେବେ ବି ସେ କେତେବେଳେ ହେଲେ ଧର୍ମ ମର୍ଯ୍ୟାଦା ଲଂଘନ କରି ନାହାନ୍ତି । ମର୍ଯ୍ୟାଦାର ଅନୁଚିତ ଭଙ୍ଗକାରୀ ଦୁଃଖୀ ହୋଇଥାଏ । ଆମକୁ ଯଦି ଅଧିକ ସୁବିଧା ମିଳିଛି ତେବେ ଅଧିକ ମର୍ଯ୍ୟାଦା ପାଳନ କରୁଥିବା ଉଚିତ ।

ଭଗବାନ ରଥରେ ଚଢ଼ିବା ପୂର୍ବରୁ ପ୍ରଥମେ ସୁଦେବ ବ୍ରାହ୍ମଣଙ୍କୁ ଚଢ଼ାଇଥିଲେ । ସୁପାତ୍ର ବ୍ରାହ୍ମଣଙ୍କୁ ସର୍ବଦା ସମ୍ମାନ କରୁଥିବା ଉଚିତ । ସାଧୁ ସନ୍ଥଙ୍କୁ ସମ୍ମାନ ଓ ମର୍ଯ୍ୟାଦା ପ୍ରଦାନ କରିବା ଦ୍ୱାରା ଲକ୍ଷ୍ମୀ ଅଧିକ ପ୍ରସନ୍ନ ହୋଇଥାନ୍ତି ।

ଶ୍ରୀକୃଷ୍ଣ ଗୋଟିଏ ମାତ୍ର ରାତି ଭିତରେ ବିଦର୍ଭ ନଗରରେ ପହଞ୍ଚିଗଲେ । ଲୋକମାନେ ରଥାରୁଢ଼ ପ୍ରଭୁଙ୍କୁ ଦର୍ଶନ କଲେ । ସେମାନେ ଖୁବ୍ ପ୍ରସନ୍ନ ହେଲେ । ସେମାନେ କହିବାରେ ଲାଗିଲେ- ରୁକ୍ମିଣୀ ଏହାଙ୍କର ଅର୍ଦ୍ଧାଙ୍ଗିନୀ ହେବା ପାଇଁ ଯୋଗ୍ୟ । ଏହି ପରମ ପବିତ୍ର ମୂର୍ତ୍ତି ଶ୍ୟାମ ସୁନ୍ଦର ରୁକ୍ମିଣୀଙ୍କ ପାଇଁ ଯୋଗ୍ୟ ପତି । ଅନ୍ୟ କେହି ଏହାଙ୍କ ପତ୍ନୀ ହେବା ପାଇଁ ଯୋଗ୍ୟ ହୋଇ ନ ପାରନ୍ତି । ସେମାନେ ସେମାନଙ୍କର ଜନ୍ମ ଜନ୍ମର ପୁଣ୍ୟଫଳ ଦେଇ ପରମାତ୍ମାଙ୍କ ପ୍ରସନ୍ନତା ମଧ ଭିକ୍ଷା କରୁଥିଲେ । ସେମାନେ ଆନ୍ତରିକତାର ସହିତ ଚାହିଁଥିଲେ ଅନୁଗୃହଣୀତୁ ଗୃହଣାତୁ ବୈଦର୍ଭ୍ୟା । ପାଣିମଚ୍ୟୁତଃ । ଶ୍ରୀକୃଷ୍ଣ ହିଁ ବିଦର୍ଭରାଜକୁମାରୀଙ୍କ ପାଣି ଗ୍ରହଣ କରନ୍ତୁ ।

ଏଇ ଗୋଟିଏ ମାତ୍ର ରାତ୍ରି ରହିଲା । କାଇଁ ଶ୍ରୀକୃଷ୍ଣଙ୍କ ଆଗମନର ସ୍ୱର ଶବ୍ଦ ତ ଶୁଣାଯାଉ ନାହିଁ । ଶ୍ରୀକୃଷ୍ଣ ତ ଶ୍ରୀକୃଷ୍ଣ କାଇଁ ବ୍ରାହ୍ମଣ ଦେବତାଙ୍କର ଚିହ୍ନ ବର୍ଣ୍ଣ ଦେଖାଯାଉ ନାହିଁ । ରୁକ୍ମିଣୀ ଚିନ୍ତାକୁଳା, ବ୍ୟାକୁଳା । ଏପରି ଅବସ୍ଥା ଈଶ୍ୱରଙ୍କ ପାଇଁ ହେବା ଭକ୍ତପକ୍ଷରେ, ଜୀବ ପକ୍ଷରେ ଶୁଭଙ୍କରୀ ହୋଇଥାଏ । ରୁକ୍ମିଣୀ ତତ୍କାଳ ଦେଖିଲେ ସୁଦେବ ବ୍ରାହ୍ମଣ ହସ ହସ ମୁଖରେ ତାଙ୍କ ପାଖକୁ ଆସୁଛନ୍ତି । ସୁଦେବ ତତ୍କାଳ ଶୁଭବାର୍ତ୍ତା ପ୍ରଦାନ କରିବାରେ ଲାଗିଲେ । ମୁଁ ଭଗବାନଙ୍କୁ ନେଇ ଆସିଛି । ସେ ତୁମକୁ ସ୍ୱୀକାର କରିଛନ୍ତି । ରୁକ୍ମିଣୀ ଅଧୀରା ହୋଇଗଲେ । ସେ ଆତ୍ମହରା ହୋଇ ପ୍ରଣାମ କରି କହିଲେ, କୁହନ୍ତୁ, ଆପଣଙ୍କୁ କି ପ୍ରକାର ସେବା ପ୍ରଦାନ କରିବି ? ସୁଦେବ କହିଲେ, ଭଗବାନଙ୍କୁ କୌଣସି କଥା ଆଦେୟ ନାହିଁ । ତୋର ଜୟ ହେଉ ।

ଭଗବାନଙ୍କୁ ପାଇଥିବା ତାଙ୍କ ସାଙ୍ଗରେ ବାର୍ତ୍ତାଳାପ କରିଥିବା ଓ ତାଙ୍କ ସହିତ ଏକ ରଥରେ ଚଢ଼ି ଯାତ୍ରା କରିଥିବା ବ୍ରାହ୍ମଣ ସୁଦେବଙ୍କ ଠାରେ ରୁକ୍ମିଣୀ ଋଣୀ ହୋଇଗଲେ । ସୁଦେବ ବ୍ରାହ୍ମଣଙ୍କ ବି ଭାଗ୍ୟ କଥା ଲକ୍ଷ୍ୟ



କରାଯାଉ । ଯାହାଙ୍କ ପ୍ରତି ଆଦ୍ୟାଶକ୍ତିଙ୍କର ଆସ୍ଥା ଥାଏ ସେ ପୁଣି ଭଗବାନଙ୍କୁ କିପରି ପାଇ ନ ପାରନ୍ତା ଯେ । ଧନ୍ୟ ତୁମେ ସୁଦେବ ବ୍ରାହ୍ମଣ ।

ଏଣେ ଶିଶୁପାଳ ଜରାସନ୍ଧ ଆଦି ରାଜାମାନଙ୍କ ସହିତ ଆସି ପହଞ୍ଚିଗଲା । ସେ ଶ୍ରୀକୃଷ୍ଣଙ୍କ ଆଗମନ ବାର୍ତ୍ତା ଶୁଣିବା ମାତ୍ରେ ଭୟ କରିବାରେ ଲାଗିଲା । ସେ ତା'ର ମନୋଭାବ ଜରାସନ୍ଧ ପାଖରେ ପ୍ରକାଶ କରିବାକୁ ଯାଇ କହିଲା, ଶୁଣୁଛି, ଚୋର କୃଷ୍ଣ ବି ଏଠାକୁ ଆସିଯାଇଛି । ସେ ଆଉ ମୋର ଭାବି ପତ୍ନୀକୁ ଚୋରି କରିନେଇ ଯିବନି ତ ? ଜରାସନ୍ଧ ଶିଶୁପାଳକୁ ଆଶ୍ୱାସନା ଦେଇ କହିଲା, ଆମେ କ'ଣ ଚୁଡି ପିନ୍ଧିଛେ କି ? ନା ଆମେ ଖାଲି ଖିଆ ପିଆ କରିବାକୁ ଏଠାକୁ ଆସିଛେ ? ଯଦି ସେପରି ପରିସ୍ଥିତି ଉପୁଜେ ତେବେ ତୁମ ପାଇଁ ଆମେ ଲଢ଼ିବୁ । ଏହି ସମୟରେ ବାହାସ୍ଫୋଟ ମାରି ରୁକ୍ମୀ କହିଲା, ତୁମେ ଏପରି ବାଜେ କଥାରେ ବିଭ୍ରାନ୍ତ ହୁଅ ନାହିଁ । ମୁଁ ଏପରି ବ୍ୟବସ୍ଥା କରିଛି ଯେ ମୋ ଭଉଣୀ ପାଖକୁ କୌଣସି ସାଧାରଣ ମଣିଷ ତ ମଣିଷ, ପକ୍ଷୀଟିଏ ବି ଯାଇପାରିବ ନାହିଁ । ସ୍ୱୟମ୍ବର ସଭା କଥା ଛାଡ଼ । ଆଉ ରହିଲା ପାର୍ବତୀ ମନ୍ଦିରକୁ ଯିବାବେଳର କଥା । ସେତେବେଳେ ତାକୁ ଷୋହଳ ଜଣ କନ୍ୟା ଘେରି ରହି ସାଙ୍ଗରେ ଯାଉଥିବେ । ତା ସହିତ ପୁଣି ମୋର ଅନେକ ବିଶ୍ୱସ୍ତ ପହଲମାନ ବି ଥିବେ । ସେମାନଙ୍କ ବଳ ଅମାପ । ଶିଶୁପାଳ ଏପରି କଥାମାନ ଶୁଣି ଆଶ୍ୱସ୍ତି ବୋଧ କଲା ।

ଏଣେ ରୁକ୍ମିଣୀ ସ୍ନାନାଦି କର୍ମମାନ ସାରି ପ୍ରଥମେ ତୁଳସୀଙ୍କୁ ଓ ଏହାପରେ ମାତା ପିତାଙ୍କୁ ପୂଜା କଲେ । ମାତା ଶୁଦ୍ଧମତି କହିଲେ, ତୋର ଆଜି ବିବାହଘର । ତେଣୁ ତୁ ଶୀଘ୍ର ପାର୍ବତୀମାତାଙ୍କୁ ଦର୍ଶନ କରି ଆ । ମାତାଙ୍କ ଠାରୁ ଏପରି କଥା ଶୁଣି ରୁକ୍ମିଣୀ ତାଙ୍କୁ ଆଉଥରେ ପ୍ରଣାମ କଲେ । ରୁକ୍ମିଣୀ ତାଙ୍କୁ ପୁଣିଥରେ ପ୍ରଣାମ କରିବାରୁ ମାତା ଶୁଦ୍ଧମତି ତାଙ୍କୁ ଏହାର କାରଣ ପଚାରିଥିଲେ । ରୁକ୍ମିଣୀ ଜାଣିଥିଲେ ଯେ, ପାର୍ବତୀଙ୍କ ମନ୍ଦିରକୁ ଫେରିବା ବେଳେ ତାଙ୍କୁ ଶ୍ରୀକୃଷ୍ଣ ନିଶ୍ଚୟ ନେଇଯିବେ । ସେ ଆଉ ଘରକୁ ଫେରିବେ ନାହିଁ କି ମାତାଙ୍କୁ ଦର୍ଶନ କରିପାରିବେ ନାହିଁ । ତେଣୁ ବିଦାୟକାଳୀନ ପ୍ରଣାମ କରିଥିଲେ । ହେଲେ ସେତେବେଳେ ସେ ତାଙ୍କ ମାତା ଶୁଦ୍ଧମତିଙ୍କୁ କିଛି କହିଲେ ନାହିଁ ।

ରୁକ୍ମିଣୀ ଯିବା ବେଳେ ଅନେକ ରାଜାଙ୍କୁ ଦେଖିଲେ । ସେ ସନ୍ତର୍ପଣରେ ଶ୍ରୀକୃଷ୍ଣଙ୍କୁ ଖୋଜି ଖୋଜି, ଗୋଟିଏ ଗୋଟିଏ ଚାଲି ଚାଲି ମନ୍ଦିରରେ ପହଞ୍ଚିଗଲେ । ମାତା ପାର୍ବତୀଙ୍କୁ ପୂଜା କଲେ । ତାଙ୍କ ଶରୀର ସେତେବେଳେ ପାର୍ବତୀଙ୍କର ପୂଜା ତ କରୁଥିଲା, ହେଲେ ତାଙ୍କୁ ସେତେବେଳେ ପାର୍ବତୀଙ୍କ ମୂର୍ତ୍ତି ସ୍ଥାନରେ ଦ୍ୱାରିକାନାଥ ଶ୍ରୀକୃଷ୍ଣ ଦେଖାଯାଉଥିଲେ । ରୁକ୍ମିଣୀଙ୍କ ଭକ୍ତି ଥିଲା ଅନନ୍ୟ । ରୁକ୍ମିଣୀ ପାର୍ବତୀ ଓ ଗଣପତିଙ୍କୁ ପୂଜା କଲେ । ସେ ପ୍ରାର୍ଥନା କରି କହିଲେ, ମୁଁ ଆପଣମାନଙ୍କ ପୂଜା ଚିରକାଳ କରୁଥିବି । ମୋର ବିବାହ ଶ୍ରୀକୃଷ୍ଣଙ୍କ ସହିତ ଯେପରି ହେବ ତାହା ଆପଣମାନଙ୍କୁ ଲାଗିଲା । ରୁକ୍ମିଣୀ ପାର୍ବତୀ ଦେବୀଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ । ପାର୍ବତୀଙ୍କ ମୂର୍ତ୍ତିରୁ ଫୁଲମାଳ ଖସି ପଡିଲା । ପାର୍ବତୀ ରୁକ୍ମିଣୀଙ୍କୁ ଆଶୀର୍ବାଦ ଦେଲେ ।

ରୁକ୍ମିଣୀଙ୍କୁ ଦେଖିବା ପାଇଁ ମନ୍ଦିର ବାହାରେ ରାଜାମାନେ ଠିଆ ହୋଇଥିଲେ । ସେହି କାମାନ୍ଧ ରାଜାମାନେ ରୁକ୍ମିଣୀଙ୍କ ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇ ପ୍ରଶଂସା କରିବାରେ ଲାଗିଲେ ।

ରୁକ୍ମିଣୀ ହେଉଛନ୍ତି ଜଗତମାତା । ଜଗତମାତାଙ୍କୁ ପ୍ରତ୍ୟେକ ଜୀବ ବନ୍ଦନା କରିବା କଥା । ଜଗତମାତା ରୁକ୍ମିଣୀ ଦେଖିଲେ ତାଙ୍କର ସନ୍ତାନମାନେ ତାଙ୍କୁ ବନ୍ଦନା କରିବା ବଦଳରେ କାମାନ୍ଧ ହୋଇ ପଡିଛନ୍ତି । ସେ ତତକାଳ ତାଙ୍କ ମଧରୁ ଏପରି ତେଜ ପ୍ରକାଶ କଲେ ଯେ କାମାନ୍ଧ ରାଜାମାନେ ତାଙ୍କୁ ଦେଖିବାମାତ୍ରେ ମୂର୍ଚ୍ଛିତ ହୋଇଗଲେ । ମାତାଙ୍କୁ ଯିଏ କାମ ଭାବରେ ଦର୍ଶନ କରେ ତା'ର ପତନ ହୋଇଥାଏ ।

ରୁକ୍ମିଣୀ ମନ୍ଦିର ବାହାରକୁ ଆସିବା କ୍ଷଣି ଶ୍ରୀକୃଷ୍ଣ ତାଙ୍କର ସାରଥୀ ଦାରୁକଙ୍କୁ ରଥ ଚଳାଇବାକୁ ଆଦେଶ ଦେଲେ । ଶ୍ରୀକୃଷ୍ଣଙ୍କ ରଥ ଅନେକ ଦୂରରେ ଥିଲା । କିନ୍ତୁ ଗରୁଡ଼ଧ୍ୱଜ ସ୍ପଷ୍ଟ ଫରଫର ଉଡୁଥିବା ଦେଖା ଯାଉଥିଲା । ଗରୁଡ଼ଧ୍ୱଜ ଉପରେ ରୁକ୍ମିଣୀଙ୍କ ଆଖି ପଡିବାମାତ୍ରେ ସେ ପ୍ରସନ୍ନ ହୋଇଗଲେ । ରଥ କ୍ଷଣକ ଭିତରେ ରୁକ୍ମିଣୀଙ୍କ ପାଖରେ ପହଞ୍ଚିଗଲା । ଶ୍ରୀକୃଷ୍ଣ ରୁକ୍ମିଣୀଙ୍କ ହାତ ଧରି ପକାଇ ରଥ ଉପରକୁ ଟେକି ନେଲେ । ରଥ ବିଜୁଳି ବେଗରେ ଦ୍ୱାରିକା ଅଭିମୁଖେ ଛୁଟି ଚାଲିଲା ।

# ପାଚିଲା କଦଳୀର ଅନେକ ଉପକାର

**ପା**ଚିଲା କଦଳୀ ଖାଇବାକୁ ବେଶ୍ ସ୍ୱାଦଯୁକ୍ତ । ଏହାକୁ ଖାଇଲେ ସେଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପଯୋଗୀ ଗୁଣ ଭରି ରହିଛି ।

ରକ୍ତଚାପକୁ ଅନେକାଂଶରେ ପାଚିଲା କଦଳୀ ନିୟନ୍ତ୍ରିତ କରିଥାଏ । ଯଦି ଜଣେ ଉଚ୍ଚ ରକ୍ତଚାପ ରୋଗୀ ଦିନକୁ ଦୁଇଟି ଲେଖାଏଁ ପାଚିଲା କଦଳୀ ଖାଆନ୍ତି, ତେବେ ତାହା ତାଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ । ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ବିଶେଷଜ୍ଞମାନେ ଏକ ସର୍ଭେରୁ ଏକଥା ଜାଣି ପାରିଛନ୍ତି ।

ଅବସାଦ ଠାରୁ ଦୂରେଇ ରଖିବାରେ କଦଳୀ ଅନେକାଂଶରେ ସାହାଯ୍ୟ କରିଥାଏ । ନିୟମିତ ଗୋଟିଏ କଦଳୀ ଖାଇଲେ ତାହା ମାନସିକତାକୁ ସକାରାତ୍ମକ ରଖିବାରେ ସାହାଯ୍ୟ କରେ ବୋଲି ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ମତ ଦେଇଛନ୍ତି ।

ଫାଇବରର ଅତ୍ୟନ୍ତ ପ୍ରମୁଖ ଉତ୍ସ ହେଲା କଦଳୀ ।

ପାଚନକ୍ରିୟା ଜନିତ ସମସ୍ୟାକୁ କେତେକାଂଶରେ ସମାଧାନ କରିଥାଏ ପାଚିଲା କଦଳୀ ।

ଆପଣଙ୍କ ଶରୀରର କଲ୍ୟାଲସିୟମର ଅଭାବ ପରିଲକ୍ଷିତ ହେଉଛି କି ? ଯଦି ହଁ ତେବେ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ପାଚିଲା କଦଳୀ ସାମିଲ କରନ୍ତୁ ।

ନିୟମିତ ପାଚିଲା କଦଳୀ ଖାଇଲେ ତାହା ହୃତପିଣ୍ଡ (ହାର୍ଟ) କୁ ସୁସ୍ଥ ରଖିଥାଏ ।

ରକ୍ତଜନିତ ସମସ୍ୟା ଆନିମିଆ ସହ ଲଢ଼ିବାର ଶକ୍ତି ପାଚିଲା କଦଳୀର ରହିଛି ।



ସବୁଠାରୁ ଖାସ୍ କଥା ହେଲା, ନିୟମିତ କଦଳୀ ଖାଇଲେ ତାହା ଶରୀରରେ ଅମ୍ଳଜାନ ପରିମାଣକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ ।

ଆପଣ କୋଷ୍ଠକାଠିନ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି କି ? ଯଦି ହଁ ତେବେ ଏପରି ସମସ୍ୟାଠାରୁ କେତେକାଂଶରେ ଦୂରେଇ ରହିବାର ଏକ ସହଜ ଉପାୟ ରହିଛି । ନିୟମିତ ପାଚିଲା କଦଳୀ ଖାଇଲେ ତାହା କୋଷ୍ଠକାଠିନ୍ୟ ଜନିତ ସମସ୍ୟାକୁ କେତେକାଂଶରେ ଦୂର କରିଥାଏ ।

# ମୌସମ୍ବି ଜୁସ୍ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ

**ମୌସୁମ୍ବି** ଜୁସ୍ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ମୌସମ୍ବିରେ ଭିଟାମିନ୍ ସି ଏବଂ ପୋଟାସିୟମ ଭରପୂର ମାତ୍ରାରେ ରହିଛି । ମୌସମ୍ବି ଜୁସ୍‌କୁ ପ୍ରାୟ ସବୁ ଲୋକ ପସନ୍ଦ କରିଥାନ୍ତି । ମୌସମ୍ବି ଜୁସ ସହଜରେ ସବୁଠାରେ ଉପଲବ୍ଧ ହୋଇଥାଏ । ମୌସମ୍ବିରେ ଫାଇବରର ମାତ୍ରା ମଧ ଭରପୁର ରହିଛି, ଯାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ । ସ୍କର୍ଭି ଏକ ଏମିତି ରୋଗ ଯେଉଁଥିରେ ମାଢ଼ିରୁ ରକ୍ତ ବାହାରିଥାଏ । ତାହା ଭିଟାମିନ୍ 'ସି' ଅଭାବରୁ ହୋଇଥାଏ । ମୌସମ୍ବି ଜୁସ୍‌ରେ ଭିଟାମିନ୍ 'ସି' ଭରପୁର ମାତ୍ରାରେ ରହିଛି ଯାହା ଏହି ରୋଗ ପାଇଁ ବେଶ୍ ଲାଭଦାୟକ ହୋଇଥାଏ । ପାଚନ କ୍ରିୟା ପାଇଁ ମୌସମ୍ବି ଜୁସ୍ ବେଶ୍ ଲାଭଦାୟକ ହୋଇଥାଏ । ମୌସମ୍ବିର ମିଠା ସ୍ୱାଦ ଏବଂ ଏସିଡ୍ ମାତ୍ରା ଥିବାରୁ ଏହାର ଜୁସ୍ ପିଇବା ଦ୍ୱାରା ପାଚନ କ୍ରିୟାରେ ସହାୟତା ମିଳିଥାଏ । ମୌସମ୍ବି ଜୁସ୍ ପେଟର ଅନେକ ସମସ୍ୟା ଦୂର କରିଥାଏ । ପ୍ରତିଦିନ ମୌସମ୍ବି ଜୁସ୍ ପିଇବା ଦ୍ୱାରା ରକ୍ତ ସଞ୍ଚାର ସଠିକ୍ ଭାବେ ହୋଇଥାଏ । ମୌସମ୍ବି ଜୁସ୍ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଶରୀରକୁ ରୋଗ ସହ ଲଢ଼ିବା ପାଇଁ ଶକ୍ତି ମିଳିଥାଏ । ମୌସମ୍ବିରେ କ୍ୟାଲୋରୀ ମାତ୍ରା ବହୁତ କମ୍ ହୋଇଥାଏ । ଫଳରେ ଓଜନ କମାଇବାରେ ଏହା ସାହାଯ୍ୟ କରିଥାଏ । ମୌସମ୍ବି ଜୁସ୍ ପିଇଲେ ସ୍ୱାସ୍ଥ୍ୟ ସହ ଓଜନ ବଢ଼ିବାର ସମସ୍ୟାରୁ ମୁକ୍ତି ମିଳିପାରିବ । ଗର୍ଭବତୀ ମହିଳାମାନଙ୍କ ପାଇଁ ମୌସମ୍ବି ଜୁସ୍ ଖୁବ୍ ଲାଭଦାୟକ ହୋଇଥାଏ । ଏହା ମା' ଏବଂ ଛୁଆ ଉଭୟଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ । ମୌସମ୍ବି ଜୁସ୍ ପିଇବା ଦ୍ୱାରା କୋଲେଷ୍ଟ୍ରୋଲର ମାତ୍ରା ସଠିକ୍ ରହିଥାଏ । ଏହାଦ୍ୱାରା ରକ୍ତଚାପ ସମସ୍ୟା ମଧ ଦୂର ହୋଇଥାଏ ।

# ଗଣମାଧ୍ୟମ ପୂର୍ବାନୁମାନ ୨୦୨୨

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ମୌଳିକଭାବେ ଗଣମାଧ୍ୟମ ବୈଷୟିକ ପ୍ରଗତିର ଅଂଶବିଶେଷ । ମୁଦ୍ରଣ ଯନ୍ତ୍ରଠାରୁ ଆରମ୍ଭକରି ଉପଗ୍ରହ ମାଧ୍ୟମରେ ଇଣ୍ଟରନେଟ୍ ସଂଯୁକ୍ତି ବିତରଣ ଯାଏଁ ପ୍ରତ୍ୟେକଟି ଉଦ୍ଭାବନ ଗଣମାଧ୍ୟମର ଗତିପ୍ରକୃତିକୁ ନିୟନ୍ତ୍ରିତ କରିଆସିଛି । ପାରମ୍ପରିକ ଭାବେ ଗଣମାଧ୍ୟମ ଉଦ୍ଭାବନମାନେ ଭୌଗୋଳିକ ପରିସୀମା ଅତିକ୍ରମ କରିବା ନିମନ୍ତେ ଦୀର୍ଘ ସମୟର ଅବଧି ଆବଶ୍ୟକ କରୁଥିବା ସ୍ଥଳେ ଏକବିଂଶ ଶତାବ୍ଦୀବେଳକୁ ଅନେକାଂଶରେ ହ୍ରାସ ପାଇଛି । ଉଦାହରଣରେ ମୁଦ୍ରଣ ପଦ୍ଧତି ୟୁରୋପରୁ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଲୋକପ୍ରିୟ ହେବା ଲାଗି ଶହେରୁ ଦୁଇ ଶହ ବର୍ଷ ଲାଗିଥିବା ସ୍ଥଳେ ଟେଲିଯୋଗାଯୋଗରେ ୫ଜି କଳାକୌଶଳ ଦୁଇ ଚାରି ବର୍ଷ ଅନ୍ତରରେ ସର୍ବତ୍ର ଉପଲବ୍ଧ ହେବା ସୁସ୍ପଷ୍ଟ ।

ଭାରତରେ ୫ଜି ବୈଷୟିକ କୌଶଳ ୨୦୨୨ରେ ପ୍ରଚଳନ ହେବ । ଡ଼ିପାର୍ଟମେଣ୍ଟ ଅଫ ଟେଲିକମ୍ୟୁନିକେସନ ପକ୍ଷରୁ ୨୦୨୧ ଡ଼ିସେମ୍ବର ଶେଷ ସପ୍ତାହରେ ୫ଜି ବ୍ୟାବସାୟିକ ସେବା ପ୍ରଥମେ ଦେଶର ୧୩ ଗୋଟି ବଡ଼ ସହରରେ ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ । ସେଥିମଧ୍ୟରେ ଦିଲ୍ଲୀ, ଗୁରୁଗ୍ରାମ, ମୁମ୍ବାଇ, ପୁଣେ, ଚେନ୍ନାଇ, କାଲକତା, ବାଙ୍ଗାଲୁରୁ ହାଇଦରାବାଦ, ଚଣ୍ଡୀଗଡ଼, ଲକ୍ଷ୍ନୌ, ଅହମ୍ମଦାବାଦ, ଗାନ୍ଧୀନଗର ଓ ଜାମନଗର ଅନ୍ତର୍ଭୁକ୍ତ । ରିଲାଏନ୍ସ ଜିଓ, ଭାରତୀ ଏୟାରଟେଲ ଓ ଭୋଡ଼ାଫୋନ ଆଇଡ଼ିଆ ପକ୍ଷରୁ ୨୦୨୧ ବର୍ଷ ସାରା ୫ଜି ସେବା ଯୋଗାଯୋଗକୁ ନେଇ ପରୀକ୍ଷା ନିରୀକ୍ଷା ଚାଲିଥିଲା ।

ତଥ୍ୟାଭିଜ୍ଞମାନେ ୨୦୨୨ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ ଭାରତରେ ୫ଜି ସେବା ଜନସାଧାରଣଙ୍କ ନିମନ୍ତେ ଉତ୍ସର୍ଗ କରିବା ନିମନ୍ତେ ସରକାର ଆଗ୍ରହ ପ୍ରକାଶ କରିଥିବା ଉଲ୍ଲେଖ କରିଥାନ୍ତି । ଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୫ଜି ସ୍ପେକ୍ଟ୍ରମର ନିଲାମ ୨୦୨୨ ଏପ୍ରିଲ-ମେ ମାସରେ ହୋଇପାରେ ବୋଲି କହିଥିଲେ । କିନ୍ତୁ ଟେଲିକମ ରେଗୁଲେଟରୀ ଅଥରିଟି ଅଫ ଇଣ୍ଡିଆ ୨୦୨୨ ମାର୍ଚ୍ଚ ସୁଦ୍ଧା ସ୍ପେକ୍ଟ୍ରମ ନିଲାମ ସଂପର୍କୀତ ସୁପାରିଶ ପ୍ରଦାନ କରିବା କାର୍ଯ୍ୟକ୍ରମ ଧାର୍ଯ୍ୟ ହାଇଥିବା ହେତୁ ନିଲାମ ଜୁନ ମାସକୁ ଘୁଞ୍ଚିଯାଇ ପାରେ ବୋଲି ବିଚାର କରାଯାଉଛି ।

ଭାରତରେ ୫ଜି ଟେଲିକମ ବୈଷୟିକ କୌଶଳ ପ୍ରବେଶ ୨୦୨୨ ବର୍ଷ ପାଇଁ ଏକ ପ୍ରମୁଖ ଘଟଣାର ମାନ୍ୟତା ପାଇବ । ଯୋଗାଯୋଗ, ବ୍ୟବସାୟ ଓ ପ୍ରଶାସନରେ ଡ଼ିଜିଟାଲ ରୂପାନ୍ତରରେ ଏକରକମ ସ୍ଥିରତା ଆସିଯାଇଥିବା ସ୍ଥଳେ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା କ୍ଷେତ୍ରରେ ଉନ୍ନତ ଜ୍ଞାନକୌଶଳ ଆବଶ୍ୟକତା ରହିଛି । ଟେଲି ଯୋଗାଯୋଗରେ ୫ଜି ସେବା ଏହିସବୁ ଦିଗରେ ବ୍ୟାପକ ପରିବର୍ତ୍ତନର ବାହକ ହେବା ଆଶା କରାଯାଏ ।

ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରରେ ମହାମାରୀରେ ଯେଉଁସବୁ ପରିବର୍ତ୍ତନ ସଂଘଟିତ ହୋଇଥିଲା ୫ଜି ଟେଲିଯୋଗାଯୋଗ ସେବା ପ୍ରଚଳନ ଫଳରେ ତ୍ୱରାନ୍ୱିତ ହେବା ସଂଭବ । ଉଦାହରଣରେ ଇ-ଗେମିଂ କଥା ଧରାଯାଉ । ଡ଼ିସେମ୍ବର ୨୦୨୧ ସୁଦ୍ଧା ଦେଶରେ ୫୦ କୋଟି ସ୍ମାର୍ଟଫୋନ ବ୍ୟବହୃତ ହେଉଥିବା ହିସାବ କରାଯାଏ । ଏଥିମଧ୍ୟରୁ ୪୩ କୋଟି ସ୍ମାର୍ଟଫୋନ ଉପଭୋକ୍ତା କୌଣସି ଇ-ଗେମରେ ସଂପୃକ୍ତ ଏବଂ ଏମାନଙ୍କ ମଧ୍ୟରୁ ୪୦ ପ୍ରତିଶତ ମାସିକ ହାରାହାରି ୨୩୦ ଟଙ୍କା ଯାଏଁ ଗ୍ରାହକ ଚାନ୍ଦା ଦେଇଥାନ୍ତି ।

ଭାରତରେ ୭୫ ପ୍ରତିଶତ ଜନସଂଖ୍ୟାଙ୍କ ବୟସ ୪୫ ବର୍ଷରୁ କମ । ଏହି ବୟସବର୍ଗରେ ଇ-ଗେମ ଲୋକପ୍ରିୟ । ୫ଜି ବୈଷୟିକ କୌଶଳ ଉପଯୋଗ ଫଳରେ ଇ-ଗେମର ଆଙ୍ଗିକ ଅଧିକ ଆକର୍ଷଣୀୟ ହେବ । ଫଳରେ ଉପଭୋକ୍ତାମାନେ ଅଧିକ ସମୟ ସଂପୃକ୍ତ ରହିବେ ଏବଂ ବ୍ୟବହାରକାରୀଙ୍କ ସଂଖ୍ୟା ମଧ୍ୟ ବଢ଼ିବ । ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ୨୦୨୫ ସୁଦ୍ଧା ଇ-ଗେମ ଉପଭୋକ୍ତାଙ୍କ ସଂଖ୍ୟା ୬୫ କୋଟିରେ ପହଞ୍ଚିବ । ଏହି ପରିବେଶ ପାରମ୍ପରିକ ଗଣମାଧ୍ୟମ ମଞ୍ଚଗୁଡ଼ିକର ବ୍ୟବସାୟକୁ ଗଭୀରଭାବେ ପ୍ରଭାବିତ କରିବା ସମ୍ଭବ ।

ଆନ୍ତର୍ଜାତିକ ଗଣମାଧ୍ୟମ ପୂର୍ବାନୁମାନ ୨୦୨୨ରେ ବାଣିଜ୍ୟ ଗବେଷଣା ପରାମର୍ଶଦାତା 'କାନ୍ତାର' ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଗଣମାଧ୍ୟମ ସଦାସର୍ବଦା ପରିବର୍ତ୍ତନଶୀଳ ରହିଆସିଥିବା ଏବଂ ମହାମାରୀରେ ପରିବର୍ତ୍ତନର ଧାରା ପ୍ରଖର ହୋଇଥିବା ଦର୍ଶାଯାଇଛି । କୁହାଯାଉଛି ଯେ ୨୦୨୦ ଓ ୨୦୨୧ ମହାମାରୀକାଳରେ ଦର୍ଶକଙ୍କ ଗଣମାଧ୍ୟମ ଆହରଣ କ୍ଷେତ୍ରରେ ଯେଉଁ ପରିବର୍ତ୍ତନମାନ ଦେଖିବାକୁ ମିଳିଥିଲା ତାହା ୨୦୨୨ ପରିବେଶକୁ ପ୍ରଭାବିତ କରିବ । ଅର୍ଥାତ, ମହାମାରୀ-ପୂର୍ବ ୨୦୧୯ ସ୍ଥିତିକୁ ଫେରିବା ନିମନ୍ତେ ଯେଉଁ ବର୍ଗ ଆଶାୟୀ ରହିଛନ୍ତି ତାହା ହୁଏତ ସଂଭବପର ହୋଇନପାରେ ।

କ୍ୟାଲେଣ୍ଡର ତାରିଖ ଆଧାରରେ ସାମାଜିକ ପରିବର୍ତ୍ତନ ସଂଘଟିତ ହୁଏ ନାହିଁ, ବରଂ ସାମାଜିକ ପରିବର୍ତ୍ତନର ଧାରାକୁ ନିର୍ଦ୍ଦିଷ୍ଟ ସମୟ ପରିସୀମାରେ ଚିହ୍ନିତ କରାଯାଏ । ଅତଏବ ୨୦୨୨ରେ ଗଣମାଧ୍ୟମର ସ୍ଥିତାବସ୍ଥା ଅତୀତ ଓ ଭବିଷ୍ୟତ ଉଭୟର ସମ୍ମିଶ୍ରଣ ବିଚାର କରାଯାଇ ପାରେ । ଭାରତୀୟ ଗଣମାଧ୍ୟମରେ ଡ଼ିଜିଟାଲ ମଞ୍ଚରେ ଆଞ୍ଚଳିକ ଭାଷା, ଭିଡ଼ିଓ ଓ ଅଡ଼ିଓର ଆଧିପତ୍ୟ ମହାମାରୀ ପୂର୍ବାବସ୍ଥାରେ ମୂଳଦୁଆ ପଡ଼ିଥିଲା । ପାଠକ, ଦର୍ଶକ ଓ ଶ୍ରୋତାଙ୍କ ଆଚରଣରେ ଯେଉଁ ପରିବର୍ତ୍ତନ ନିମନ୍ତେ ଦଶ ବର୍ଷ ଲାଗିଯାଇଥାନ୍ତା ତାହା ମହାମାରୀ ଅବସରରେ ମାତ୍ର ଦୁଇ ବର୍ଷ ମଧ୍ୟରେ ସଂଭବ ହୋଇ ପାରିଛି । ଅତଏବ ମହାମାରୀ-ପର ଅବସ୍ଥାରେ 'ପୂର୍ବାବସ୍ଥା' ବଦଳରେ 'ପରିବର୍ତ୍ତିତ ପରିବେଶ' ବା 'ନିଉ ନରମାଲ' ଆକଳନ ତଥ୍ୟାଶ୍ରିତ ।

ଡ଼ିସେମ୍ବର ୨୦୨୧ରେ ଏକ ଓଡ଼ିଆ ଟେଲିଭିଜନ ଚ୍ୟାନେଲ ପକ୍ଷରୁ ଏକ ଟେଲିଭାଇଜଡ଼ ସମ୍ମାନ ଆୟୋଜନ କରାଯାଇଥିଲା । ଚ୍ୟାନେଲର ସମ୍ପାଦକ ସଂଚାଳନ କରୁଥାନ୍ତି । ରାଜ୍ୟ ରାଜନୀତିରେ ଟେଲିଭିଜନ ଦର୍ଶକଙ୍କ ସଂପୃକ୍ତି ସଂପର୍କରେ ଟିପ୍ପଣି ଦେଇ ସେ ବିରୋଧୀ ଦଳର ଜଣେ ପ୍ରମୁଖ ନେତାଙ୍କୁ କହିଥିଲେ ଯେ ଶୀତକାଳୀନ ବିଧାନସଭା ଅଧିବେଶନ କାଳରେ ବିଧାନସଭା ବିବରଣୀ ବଦଳରେ ଟେଲିଭିଜନ ଦର୍ଶକମାନେ ବ୍ରହ୍ମପୁରର ଏକ ଦମ୍ପତିଙ୍କ ପାରିବାରିକ କଳହ ସଂପର୍କରେ ଜାଣିବା ଲାଗି ଅଧିକ ଆଗ୍ରହ ପ୍ରକାଶ କରିଥିଲେ । ଅବଶ୍ୟ ସେ ଟେଲିଭିଜନ ଓ ସୋସିଆଲ ମିଡ଼ିଆ ଦର୍ଶକଙ୍କ ସଂଖ୍ୟା ତୁଳନା କରିନଥିଲେ । ତେବେ ଗଣମାଧ୍ୟମ ଉପଭୋକ୍ତାଙ୍କ ଆଚରଣ କିପରି ପରିବର୍ତ୍ତନ ହେବାରେ ଲାଗିଛି ଏବଂ ଭବିଷ୍ୟତରେ କେତେଦୂର ପ୍ରଭାବଶାଳୀ ସେକଥା ସୁସ୍ପଷ୍ଟ ।

ପାରମ୍ପରିକ ଗଣମାଧ୍ୟମ ଯଥା : ସମ୍ବାଦପତ୍ର, ପତ୍ରପତ୍ରିକା, ପୁସ୍ତକ, ଚଳଚ୍ଚିତ୍ର ଓ ଟେଲିଭିଜନ କାର୍ଯ୍ୟକ୍ରମ ଏଣିକି ସମଗ୍ର ଦର୍ଶକବର୍ଗ ପରିବର୍ତ୍ତେ ଏକାଂଶଙ୍କ ନିମନ୍ତେ ପ୍ରଯୋଜିତ ହେବ । ଏଥିଲାଗି ସୀମିତ ସଂଖ୍ୟକ ପାଠକ, ଦର୍ଶକ ଓ ଶ୍ରୋତା ଆଗ୍ରହ ପ୍ରକାଶ କରିବେ । ବହୁ ସଂଖ୍ୟକ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଥିବା ସମ୍ବାଦ ଆହରଣ କରିବେ । ଏହି ପରିବର୍ତ୍ତନର ମୁଖ୍ୟ କାରଣ ସୋସିଆଲ ମିଡ଼ିଆରେ ସନ୍ନିବେଶିତ ଉନ୍ନତ ବୈଷୟିକ କାରିଗରୀ କୌଶଳ ।

ସୋସିଆଲ ମିଡ଼ିଆରେ ବ୍ରହ୍ମପୁର ଦମ୍ପତିଙ୍କ କଳହ ଯେଉଁ ଦର୍ଶକମାନେ ଥରେ ଦେଖିଥିଲେ ଫେସବୁକ ଓ ୟୁଟ୍ୟୁବର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସେମାନଙ୍କ ପାଇଁ ସେହି ଘଟଣା ଆଧାରିତ ଆଉ ଗଣ୍ଡେ ଭିଡ଼ିଓ ପ୍ରସ୍ତୁତ ରଖୁଥିଲା । ନୂଆ ଭିଡ଼ିଓ ଅପଲୋଡ଼ ହେବା ସଙ୍ଗେ ସଙ୍ଗେ ନୋଟିଫିକେସନ ଦେଉଥିଲା । ଦର୍ଶକମାନଙ୍କୁ ଟେଲିଭିଜନର ପ୍ରାଇମଟାଇମ ବା ସମ୍ବାଦପତ୍ରର ପ୍ରଭାତୀ ସଂସ୍କରଣ ଯାଏଁ ଅପେକ୍ଷା କରିବାକୁ ପଡୁନଥିଲା ।

ଏହି ଘଟଣା ସଂପର୍କରେ ପୂର୍ଣ୍ଣ ଅବଗତ ନଥିବା କୌଣସି ସମ୍ପାଦକଙ୍କ ଦ୍ୱାରା କାର୍ଯ୍ୟକ୍ରମ କାଟଛାଟର ସୁଯୋଗ ନଥିଲା । ଭିଡ଼ିଓଗୁଡ଼ିକ ଦର୍ଶକଙ୍କ ପରିଚିତବର୍ଗ ସେୟାର କରୁଥିଲେ । ଦର୍ଶକ ବି ନିଜେ ସେୟାର କରି ପ୍ରସାରଣରେ ସଂପୃକ୍ତ 'ଏନଗେଜ' ହେଉଥିଲା । ଅଭିମତ 'କମେଣ୍ଟ' ପୋଷ୍ଟ କରୁଥିଲା । ବାରମ୍ବାର ଗୋଟିଏ ବିଷୟ ଦେଖିବା ଫଳରେ 'ଇକୋ-ଚେମ୍ବର' ନୀତିରେ ବିମୋହିତ ହୋଇ ପଡୁଥିଲା । ଅବଶ୍ୟ ଯେଉଁମାନେ ଏହି ସମ୍ବାଦର ଧାର ମାଡ଼ିନ ଥିଲେ ସେମାନଙ୍କ ପାଇଁ ଘଟଣାଟି ସମ୍ବାଦ ପଦବାଚ୍ୟ ହିଁ ନଥିଲା । ଏହି ଧାରା ହୁଏତ ୨୦୨୨ରେ ସର୍ବତ୍ର ବାରମ୍ବାର ପ୍ରତିଧ୍ୱନିତ ହେବ !

## ଆଜିର ଚିନ୍ତନ

ପ୍ରାର୍ଥନାର ଅର୍ଥ ଯାଚନା ନୁହେଁ । ନିଜର ମନକାମନାଗୁଡିକର ସୂଚୀ ପ୍ରସ୍ତୁତ କରି ଭଗବାନଙ୍କ ପାଖରେ ରଖି ଦେଉଥିବା ବ୍ୟକ୍ତି ଭକ୍ତିର ମର୍ମକୁ ଆଦୌ ଜାଣି ନ ଥାଏ । ପ୍ରାର୍ଥନା ତ ପରମେଶ୍ୱରଙ୍କ ହାତରେ ବିନା କୌଣସି ସର୍ତ୍ତରେ ନିଜର ଅସ୍ତିତ୍ୱକୁ ସମର୍ପଣ କରିଦେବାର ନାମ ଅଟେ । ନିଜକୁ ପରମାତ୍ମାଙ୍କ ହାତରେ ସମର୍ପଣ କରିଦେବା ପରେ ଅନ୍ତଃକରଣରୁ ଯେଉଁ ଉଦଗାର ଉଛୁଳି ଥାଏ, ତା'ର ନାମ ହେଉଛି ପ୍ରାର୍ଥନା । ଭକ୍ତିର ଶିଖରରେ ପହଞ୍ଚିବା ପରେ ହିଁ ପ୍ରାର୍ଥନା ନିଃସୃତ ହୋଇଥାଏ । ପ୍ରାର୍ଥନାପୂର୍ଣ୍ଣ ହୃଦୟ ହିଁ ଏହି ଜଗତର ସବୁଠାରୁ ସୁନ୍ଦର, ସବୁଠାରୁ ମୋହକ ପୁଷ୍ପ । ତାହା ହିଁ ଭକ୍ତିର ହିମାଳୟ, ତା'ଠାରୁ ଊର୍ଦ୍ଧ୍ୱରେ ଆଉ କିଛି ନାହିଁ । ବାସନା ଦ୍ୱାରା ଦୂଷିତ ବିଚାରଗୁଡ଼ିକୁ ପ୍ରଭୁଙ୍କ ସାମନାରେ ବ୍ୟକ୍ତ କରିବା, ନାନାବିଧ ବସ୍ତୁ ମାଗିବାକୁ ପ୍ରାର୍ଥନା କୁହାଯାଏ ନାହିଁ । ପ୍ରାର୍ଥନାର ଅର୍ଥ ଭାଗ୍ୟକୁ ଜିତିବାର ଯାଚନା ଭଗବାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା ନୁହେଁ, ବରଂ ପ୍ରାର୍ଥନାର ଅର୍ଥ ହେଉଛି ଏହି ଜୀବନ ରୂପେ ଆମକୁ ମିଳିଥିବା ସୌଭାଗ୍ୟର ଧନ୍ୟବାଦ ଭଗବାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା । ସଚ୍ଚା ପ୍ରାର୍ଥନା ହେଉଛି ଆମ ଅସ୍ତିତ୍ୱର ଉତ୍ସବ । ଆମକୁ ଯେଉଁ ଅବସର ମିଳିଛି, ସେଥିପାଇଁ ଭଗବାନଙ୍କୁ ଧନ୍ୟବାଦ ଦେଇଥାଉ ଆଉ ଏପରି କରିବା ଦ୍ୱାରା ଏକ ଅହୋଭାବ ଆମର ଅନ୍ତଃକରଣରେ ଜନ୍ମ ନେଇଥାଏ । ଏକ କୃତଜ୍ଞତାର ଭାବ ଆମ ହୃଦୟରେ ବିକଶିତ ହୋଇଥାଏ । କୃତଜ୍ଞତାର ଏହି ଭାବକୁ ଭଗବାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା ହିଁ ପ୍ରାର୍ଥନା । ପ୍ରାର୍ଥନା ଏକ ପ୍ରକାର ସ୍ୱୟଂକୁ ଈଶ୍ୱରଙ୍କ ହାତରେ ସମର୍ପଣ କରିଦେବାର ନାମ ଅଟେ । ଯେତେବେଳେ ପ୍ରାର୍ଥନା ସଚ୍ଚା, ନିର୍ବଳ, ନିଷ୍କପଟ ହୃଦୟରେ କରାଯାଏ ସେତେବେଳେ ନିଶ୍ଚିତ ପରିଣାମ ମିଳିଥାଏ । ଆମର ଅସ୍ତିତ୍ୱ ଈଶ୍ୱରୀୟ ଯୋଜନା ପ୍ରତି ସମର୍ପିତ ହେଉ ଏପରି ଭାବଦଶା ହିଁ ସଚ୍ଚା ପ୍ରାର୍ଥନା କୁହାଯାଏ ।

# ଚିନି ବଢ଼ାଇପାରେ ବୟସ୍କଙ୍କ ସ୍ମୃତିଶକ୍ତି

ଏକ ଗବେଷଣାରୁ ଜଣାପଡିଛି ଯେ ଯେଉଁମାନେ କି ଅଧିକାଂଶ ସମୟରେ ଦୁର୍ବଳ ସ୍ମରଣଶକ୍ତିର ଶିକାର ହୋଇଥାନ୍ତି, ସେମାନଙ୍କ ପାଇଁ ଚିନି ବରଦାନ ସାବ୍ୟସ୍ତ ହୋଇପାରେ । ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ସତ । ବୈଜ୍ଞାନିକଙ୍କ ଅନୁସାରେ, ପାଣିରେ ମାତ୍ର ଏକ ଚାମଚ ଚିନି ମିଶାଇ ସେବନ କଲେ ମସ୍ତିଷ୍କ ପୂର୍ବ ତୁଳନାରେ ଅଧିକ କାର୍ଯ୍ୟକ୍ଷମ ହୋଇଥାଏ । ଏହାସହ ସ୍ମୃତିଶକ୍ତି ଦୃଢ଼ ହୋଇଥାଏ । ଇଂଲଣ୍ଡର ୟୁନିଭର୍ସିଟି ଅଫ୍ ୱାରଓ୍ୱିକର ଗବେଷକଙ୍କ ଅନୁସାରେ, ୧ ଚାମଚ ଚିନି ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କୁ ମାନସିକ ଶକ୍ତି ପ୍ରଦାନ କରି ସ୍ମରଣଶକ୍ତିକୁ ପ୍ରଖର କରିଥାଏ । ବୈଜ୍ଞାନିକଙ୍କ ଅନୁସାରେ, ଏହି ଗବେଷଣାର ନିଷ୍କର୍ଷ ସେଭଳି ବୟସ୍କ ବ୍ୟକ୍ତିଙ୍କ କାମରେ ଅଧିକ ଲାଭ ଦେଇପାରେ, ଯେଉଁମାନେ ନିଜ ମସ୍ତିଷ୍କର କାର୍ଯ୍ୟପ୍ରଣାଳୀକୁ ଉନ୍ନତ କରିବା ଦିଗରେ ପ୍ରୟାସ ଚଳାଇଛନ୍ତି । ଗବେଷଣାର ନିଷ୍କର୍ଷରେ ପହଞ୍ଚିବାକୁ ବୈଜ୍ଞାନିକମାନେ କିଛି ବୟସ୍କ ବ୍ୟକ୍ତିଙ୍କୁ ଗ୍ଲୁକୋଜ ମିଶା ପାଣି ପିଇବାକୁ ଦେଇଥିଲେ । ତା'ପରେ ସେମାନଙ୍କୁ କିଛି ପୂର୍ବକଥା ମନେପକାଇବା ଭଳି କାମ କରିବାକୁ ଦିଆଯାଇଥିଲା । ଶେଷରେ ଦେଖିବାକୁ ମିଳିଲା, ଗ୍ଲୁକୋଜ୍ ପାଣି ପିଇଥିବା ବ୍ୟକ୍ତିଙ୍କର ପୂର୍ବାପେକ୍ଷା ମସ୍ତିଷ୍କର କାର୍ଯ୍ୟପ୍ରଣାଳୀ ପ୍ରଖର ହୋଇଥିଲା ।

# ତପ ସାଧନାର ଚମତ୍କାରୀ ପରିଣାମ

ତପ ବିନା ମନୁଷ୍ୟ ଜୀବନ ଅସମ୍ପୂର୍ଣ୍ଣ । ଜୀବନରେ ପୁଣ୍ୟ ପରେ ତପ କ୍ଷେତ୍ରରେ ପ୍ରବେଶ ହୋଇଥାଏ । ତପ ଜୀବନର ସଜ୍ଞା ଓ ବାସ୍ତବିକ ସମ୍ପତ୍ତି । ଆତ୍ମକଲ୍ୟାଣ ନିମନ୍ତେ ଅନେକ ଧାର୍ମିକ କ୍ରିୟା ଗଢ଼ାଯାଇଛି ଏବଂ ସେସବୁର ନିଜ ନିଜର ମହତ୍ତ୍ୱ ବି ଅଛି, କିନ୍ତୁ ତପ ଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କିଛି ନାହିଁ । କଥା ବା ସଦୁପଦେଶ ଶ୍ରବଣ ଦ୍ୱାରା ଧାର୍ମିକ ଜ୍ଞାନ ବଢ଼ିଥାଏ, ତୀର୍ଥଯାତ୍ରା ଦ୍ୱାରା ପାପ ବାସନାଗୁଡ଼ିକର ଶମନ ହୋଇଥାଏ । ଯଜ୍ଞ ଦ୍ୱାରା ଦେବଶକ୍ତିମାନଙ୍କ ପୋଷଣ ହୋଇଥାଏ । ପୂଜାପାଠ ଦ୍ୱାରା ଭକ୍ତି ଭାବନା ଜାଗ୍ରତ ହୋଇଥାଏ । ଦାନ ପୁଣ୍ୟ ଦ୍ୱାରା ଭବିଷ୍ୟକାଳୀନ ସୁଖ ସୌଭାଗ୍ୟର ନିର୍ମାଣ ହୋଇଥାଏ ।

ଏସବୁ କାର୍ଯ୍ୟ ନିଜ ନିଜର ମହତ୍ତ୍ୱ ଅନୁସାରେ ଫଳ ଦେଇଥାଏ, କିନ୍ତୁ ଏମିତି ଏକ କାର୍ଯ୍ୟ ଅଛି ଯାହା ଏଗୁଡିକ ମଧ୍ୟରୁ କୌଣସି ଦ୍ୱାରା ହୋଇ ନ ପାରେ । ତପ ଦ୍ୱାରା ହିଁ ଆତ୍ମବଳ ବଢ଼ିଥାଏ । ତପ ଦ୍ୱାରା ହିଁ ବ୍ରହ୍ମତେଜ ପ୍ରଦୀପ୍ତ ହୋଇଥାଏ । ତପ ଦ୍ୱାରା ହିଁ ଦିବ୍ୟଶକ୍ତିର ଉପଲବ୍ଧି ହୋଇଥାଏ । କୌଣସି ମନୁଷ୍ୟ ଯଦି ଅନେକ ବସ୍ତ୍ରରେ ସୁସଜ୍ଜିତ ହୋଇଥିବ, ତାକୁ ରେଶମ କପଡ଼ା, ସ୍ୱର୍ଣ୍ଣ ଓ ରତ୍ନ ନିର୍ମିତ ଆଭୂଷଣ, ପୁଷ୍ପମାଲ୍ୟ, କସ୍ତୁରି ଚନ୍ଦନର ସୁବାସ, ଉତ୍ତମ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ କରି ବହୁମୂଲ୍ୟ ପାଲିଙ୍କିରେ ବସାଇ ଦିଆଯିବ, କିନ୍ତୁ ତା'ର ଶରୀରରେ ଶକ୍ତି ନ ଥିବ, ସେ ଦୁର୍ବଳତା ଗ୍ରସ୍ତ ଥିବ ତେବେ ଏସବୁ ସୁସଜ୍ଜା କୌଣସି କାମର ହୋଇ ରହିବ ନାହିଁ । ଏହାର ବିପରୀତ ଯଦି କୌଣସି ହୃଷ୍ଟପୁଷ୍ଟ ପହିଲମାନ ଫଟା ପୁରୁଣା ବସ୍ତ୍ର ପିନ୍ଧିଥିବ, ତେବେ ବି ସେ ଉତ୍ତମ ସ୍ଥିତିରେ ରହିବ ।

ବିବିଧ ପ୍ରକାର ଧାର୍ମିକ କ୍ରିୟା ଏକ ପ୍ରକାର ସୁସଜ୍ଜା ଅଟେ, ଯଦ୍ୱାରା ଜୀବାତ୍ମାର ଶୋଭା ବଢ଼ିଥାଏ, କିନ୍ତୁ ସେହି ଶୋଭା ସେତେବେଳେ ବିଶେଷ ଉପଯୋଗୀ ହୋଇ ପାରିବ, ଯେତେବେଳେ ତାହା ପଛରେ ତପଶ୍ଚର୍ଯ୍ୟା ଦ୍ୱାରା ସଞ୍ଚିତ ବ୍ରହ୍ମଶକ୍ତିର ଭଣ୍ଡାର ଥିବ । ଯଦି ସେହି କୋଷ ଖାଲି ରହେ ତ ଶୋଭାବର୍ଦ୍ଧକ ଅନ୍ୟ ଧାର୍ମିକ ଉପକରଣଗୁଡ଼ିକ ଦ୍ୱାରା କୌଣସି ବିଶେଷ ପ୍ରୟୋଜନ ସାଧିତ ହେବ ନାହିଁ । ତପର ଯେତେ ମାର୍ଗ ଅଛି, ତନ୍ମଧ୍ୟରେ ଗାୟତ୍ରୀ ଠାରୁ ବଳି ସୁଲଭ, ସୁନିଶ୍ଚିତ ଓ ଶୀଘ୍ର ଫଳଦାୟକ ଅନ୍ୟ କୌଣସି ମାର୍ଗ ନାହିଁ । ଯେତେ ପ୍ରକାର ତପଶ୍ଚର୍ଯ୍ୟା ବିଭିନ୍ନ ରୂପରେ ଦେଖାଯାଉଛି, ସେସବୁର ଉଦଗମ ବସ୍ତୁତଃ ଗାୟତ୍ରୀ ।

ଯେପରି ବିନା ମୂଳଦୁଆରେ ଘର ତିଆରି ହୋଇ ପାରିବ ନାହିଁ ଏବଂ ଯଦିବା ତିଆରି ହୋଇଯାଏ ତ ତିଷ୍ଠି ପାରିବ ନାହିଁ, ସେହିପରି ବିନା ଗାୟତ୍ରୀରେ କୌଣସି ତପସ୍ୟା ପୂର୍ଣ୍ଣ ହୁଏ ନାହିଁ କି ସେଥିରେ ସଫଳତା ମିଳେ ନାହିଁ । ତପର ମୂଳ ତତ୍ତ୍ୱ ଗାୟତ୍ରୀରେ ସନ୍ନିହିତ 'ଭର୍ଗ' ହିଁ ଅଟେ ।

ଚଉରାଅଶୀ ଯୋଗ ମଧ୍ୟରୁ କେବଳ ଗାୟତ୍ରୀ ଯୋଗ ହିଁ ଏପରି ଯାହାକୁ ଗୃହୀ, ବୈରାଗୀ ସମସ୍ତେ ସମାନ ସୁବିଧାରେ କରି ପାରିବେ । ଏଥି ନିମନ୍ତେ ଗୁରୁଙ୍କ ସମୀପତା ଅନିବାର୍ଯ୍ୟ ନୁହେଁ, କେବଳ ସଂରକ୍ଷଣରେ କାମ ଚଳିପାରେ । ଭୁଲ ହୋଇଗଲେ ଅତି ବେଶୀରେ ଏତିକି ହାନି ହୋଇପାରେ ଯେ ସାଧନା ନିଷ୍ଫଳ ହୋଇଯାଏ । ଏଥିରେ ଅନ୍ୟ ଯୋଗଗୁଡ଼ିକ ପରି ଓଲଟା ଅନିଷ୍ଟ ହେବାର ତ କୌଣସି ପ୍ରକାରର କୌଣସି ବିପଦ ହିଁ ନ ଥାଏ । ଏହା ଦ୍ୱାରା କେବଳ ଭୌତିକ ବା କେବଳ ଆଧ୍ୟାତ୍ମିକ ହିଁ ନୁହେଁ, ଉଭୟ କ୍ଷେତ୍ରରେ ସମାନ ଲାଭ ହୋଇଥାଏ । ସାଧକର ଜୀବନ ସୁଖୀ ହୋଇଥାଏ ଓ ଆତ୍ମଶକ୍ତି ବି ନିଶ୍ଚିତ ରୂପେ ମିଳିଥାଏ ।

ପ୍ରାଣୀ ଜଗତରେ ଯଦି କାହାକୁ କିଛି ପ୍ରାପ୍ତ ହୋଇଛି ତ ତାହା ତପ କାରଣରୁ ପ୍ରାପ୍ତ ହୋଇଛି । ପରିଶ୍ରମ, କଷ୍ଟ, ସହିଷ୍ଣୁତା, ନିଷ୍ଠା, ଅଧ୍ୟବସାୟ, ଏକାଗ୍ରତା, ନିରନ୍ତରତାର ସାଧନା, ପ୍ରଯତ୍ନ- ପୁରୁଷାର୍ଥ କାରଣରୁ ହିଁ ଲୋକଙ୍କୁ ନାନା ପ୍ରକାର ଶକ୍ତି, ଯୋଗ୍ୟତା, ସାମର୍ଥ୍ୟ ଓ ସମ୍ପଦ ପ୍ରାପ୍ତ ହୋଇଥାଏ । ବିଦ୍ୟାର୍ଥୀ, ବ୍ୟବସାୟୀ, କୃଷକ, ଶ୍ରମିକ, ଶିଳ୍ପୀ, ସଙ୍ଗୀତଜ୍ଞ, ଚିକିତ୍ସକ, ନେତା, ସାଧୁ ସବୁ ବର୍ଗର ଲୋକେ ନିଜ ନିଜର କାର୍ଯ୍ୟ କ୍ଷେତ୍ରରେ, ନିଜ ନିଜର ଉଦ୍ଦେଶ୍ୟ ପ୍ରାପ୍ତ ହେତୁ ନିଜ ଢ଼ଙ୍ଗରେ ତପ କରନ୍ତି । ଯାହାର ତପ ଯେତେ ଅଧିକ ହୋଇଥାଏ, ସେହି ଅନୁପାତରେ ତାକୁ ସଫଳତା ଓ ସମ୍ପନ୍ନତା ମିଳିଥାଏ ।

ଇତିହାସ କହିଥାଏ ଯେ ପୁରୁଷାର୍ଥ ପ୍ରଧାନ ଜାତିମାନେ ହିଁ ଆଗକୁ ବଢ଼ିଚିଲେ ଓ ଉଚ୍ଚକୁ ଉଠିଲେ । ଏହାର ବିପରୀତ ଅଳସୁଆ, ବିଳାସୀ, ଭୀରୁ, ଅକର୍ମଣ୍ୟ ଲୋକେ ବ୍ୟକ୍ତିଗତ ଓ ସାମୂହିକ ରୂପେ ବିନାଶର ଗର୍ତ୍ତକୁ ଚାଲିଗଲେ । ଯେଉଁ ବୃକ୍ଷଗୁଡ଼ିକ ଋତୁର ପ୍ରଭାବ ସହିଥାନ୍ତି, ସେମାନେ ଦୀର୍ଘଜୀବୀ ହୁଅନ୍ତି ଏବଂ ଯେଉଁମାନଙ୍କ ସହନଶକ୍ତି ଦୁର୍ବଳ ହୋଇଥାଏ, ସେମାନେ ସାମାନ୍ୟ ଥଣ୍ଡା ଗରମରେ ନଷ୍ଟ ହୋଇଯାନ୍ତି । ଏହିପରି ତପସ୍ୱୀ ମନୁଷ୍ୟ ହିଁ ସଫଳ ହେବାର ଦେଖାଯାନ୍ତି । ଏ ସଂସାର ତପର ଆଧାରରେ ନିର୍ମିତ ଏବଂ ତପର ଆଧାରରେ ହିଁ ଏହାର ଜୀବନଚର୍ଯ୍ୟା ଓ ଗତିଶୀଳତା ନିର୍ଭର କରେ । ଜଡ଼ ଚେତନ ସବୁ ଉପରେ ଦୈବୀ ବିଧାନର ନିୟମ ସମାନ ରୂପେ କାମ କରୁଛି ।

ଏହି ନିୟମ ଆଧ୍ୟାତ୍ମିକ କ୍ଷେତ୍ରରେ ତ ଆହୁରି ବ୍ୟାପକ ରୂପେ କାମ କରିଥାଏ । ସୃଷ୍ଟିର ଆଦିକାଳରୁ ନେଇ ଆଜି ପର୍ଯ୍ୟନ୍ତ ଯେତେ ସବୁ ଆତ୍ମଶକ୍ତି ସମ୍ପନ୍ନ ମହାପୁରୁଷ ହୋଇଛନ୍ତି, ସେମାନଙ୍କ ମହାନତାର ଏକମାତ୍ର କାରଣ ରହିଛି ଏବଂ ତାହା ହେଉଛି ତପ । ପରମାତ୍ମା ମନୁଷ୍ୟ ଶରୀର ଓ ମନରେ ଅନେକ ସୂକ୍ଷ୍ମଶକ୍ତିର ଅଦଭୁତ ଭଣ୍ଡାର ଭରି ଦେଇଛନ୍ତି, ତା'ର ଅଣୁ ଅଣୁରେ ଚମତ୍କାରୀ ଦିବ୍ୟଶକ୍ତି ଗୁଡ଼ିକର କୋଷ ଲୁଚି ରହିଛି । ଏହି କୋଷ ସୁଷୁପ୍ତ ଅବସ୍ଥାରେ ପଡ଼ି ରହିଥାଏ । ଯେପରି ରାତିରେ ସବୁ ଜୀବଜନ୍ତୁ ଶୋଇ ରହନ୍ତି ଓ ପ୍ରାତଃକାଳରେ ସୂର୍ଯ୍ୟଙ୍କ ଉଷ୍ଣତା ବିସ୍ତାର ହେବା ମାତ୍ରେ ସେ ସମସ୍ତଙ୍କ ନିଦ ଭାଙ୍ଗିଯାଏ, ସେହିପରି ତପର ଉଷ୍ଣତା ଦ୍ୱାରା ସେହି ସୁଷୁପ୍ତ କୋଷ ଜାଗ୍ରତ ହୋଇଥାଏ ଏବଂ ମନୁଷ୍ୟ ସେହି ଈଶ୍ୱର ପ୍ରଦତ୍ତ ସୂକ୍ଷ୍ମଶକ୍ତିଗୁଡ଼ିକ ବଳରେ ସୁସଜ୍ଜିତ ହୋଇଯାଏ, ଯାହା ଚିରକାଳରୁ ତା' ଭିତରେ ସୁପ୍ତ ହୋଇ ପଡ଼ିଥିଲା ।

ଯେପରି ପକ୍ଷୀମାନଙ୍କ ଛାତିର ଉଷ୍ଣତା ଦ୍ୱାରା ଅଣ୍ଡା ପରିପକ୍ୱ ହୋଇଥାଏ, ଯେପରି କଞ୍ଚା ଆମ୍ବକୁ ଶସ୍ୟ ବା ଭୁସି ମଧ୍ୟରେ ପୋତି ପଚାଯାଏ, ସେହିପରି ତପର ଉଷ୍ଣତା ଦ୍ୱାରା ଗୁପ୍ତ ମନଃଶକ୍ତି ଗୁଡ଼ିକର ପରିପାକ ହୋଇଥାଏ ଏବଂ ସୁପକ୍ୱ ମଧୁର ପରିଣାମର ଆବିର୍ଭାବ ହୋଇଥାଏ । ମନୁଷ୍ୟ ସମ୍ମୁଖରେ ଦୁଇଟି ମାର୍ଗ ଅଛି ତପ ବା ପତନ । ଏ ଦୁଇଟି ପରସ୍ପରର ବିପରୀତ । ତପର ଅର୍ଥ ଉପରକୁ ଉଠିବା, ପତନର ଅର୍ଥ ପତିତ ହେବା । ଯିଏ ତପ କରେ ନାହିଁ, ତାକୁ ଆଧ୍ୟାତ୍ମିକ ପତନ ଦିଗରେ ଚାଲିବାକୁ ପଡ଼ିଥାଏ ଏବଂ ଯିଏ ଆତ୍ମିକ ପତନରୁ ବର୍ତ୍ତିବାକୁ ଚାହେଁ, ତାକୁ ତପ ପାଇଁ ଅଗ୍ରସର ହେବାକୁ ପଡ଼ିବ । ଉଭୟ ମଧ୍ୟରୁ ଗୋଟିଏ ମାର୍ଗକୁ ହିଁ ବଛା ଯାଇପାରେ ।

ତପର ସଂଘର୍ଷରୁ ହିଁ ଶକ୍ତି ଉତ୍ପନ୍ନ ହୋଇଥାଏ । ଆଧ୍ୟାତ୍ମିକ ଜଗତରେ ବି ଏହି ନିୟମ ସମାନ ରୂପେ ଲାଗୁ ହୋଇଥାଏ । ମନୁଷ୍ୟର ପାଶବିକ ମନୋବୃତ୍ତିଗୁଡ଼ିକ ତାକୁ ନିମ୍ନ ଆଡ଼କୁ, ପତନ ଆଡ଼କୁ ନେଇଯାଏ । ତାକୁ ଉଚ୍ଚକୁ ଉଠିବାକୁ ହେଲେ ବିଶେଷ ତତ୍ପରତା ପୂର୍ବକ ପ୍ରଯତ୍ନ କରିବାକୁ ପଡ଼େ ଏବଂ ସେହି ବିଶିଷ୍ଟ ପ୍ରଯତ୍ନକୁ ହିଁ ତପ କହନ୍ତି । ପାଣିକୁ ଯେଉଁଠି ଢ଼ାଳିଲେ ବି ତାହା ତଳ ଆଡ଼କୁ ହିଁ ବୋହିଯିବ । ତାହାକୁ ଉପର ଆଡ଼କୁ ନେଇଯିବା ପାଇଁ ତ ବିଶେଷ ପ୍ରଯତ୍ନ କରିବାକୁ ପଡ଼ିବ । ସେହିପରି ପତନୋନ୍ମୁଖ ମନୋବୃତ୍ତିଗୁଡ଼ିକୁ ଉର୍ଦ୍ଧ୍ୱଗାମୀ କରିବା ପାଇଁ ତପ ହିଁ ଏକମାତ୍ର ଉପାୟ । ଆତ୍ମିକ ତପର ଶ୍ରେଷ୍ଠତାର ମହତ୍ତ୍ୱ ଓ ମାହାତ୍ମ୍ୟ ସର୍ବୋପରି ।

ପ୍ରାଚୀନକାଳରେ ରାଜାଙ୍କ ଠାରୁ ପ୍ରଜାଙ୍କ ପର୍ଯ୍ୟନ୍ତ ସମସ୍ତେ ତପ ଦିଗରେ ଉତ୍ସାହପୂର୍ବକ ଅଗ୍ରସର ହେଉଥିଲେ । ରାଜା ନିଜର ବାଳକମାନଙ୍କୁ ଗୁରୁକୁଳରେ ତପସ୍ୱୀ ଜୀବନ ବିତାଇ ଶିକ୍ଷା ପ୍ରାପ୍ତ କରିବା ପାଇଁ ବନବାସୀ ଋଷିମାନଙ୍କୁ ଅର୍ପଣ କରି ଦେଉଥିଲେ । ତାହାର ପରିଣାମ ସ୍ୱରୂପ ଭାରତମାତାର ଗର୍ଭରୁ ସର୍ବଦା ମହାପୁରୁଷ ଉତ୍ପନ୍ନ ହେଉଥିଲେ । ଆଜି ସେହି ମହାନତାର ପରିତ୍ୟାଗ କରି ଲୋକେ ଭୋଗ ଓ ଲାଭ ସକାଶେ ନିମ୍ନ ସ୍ତରକୁ ଓହ୍ଲାଇ ଆସିଛନ୍ତି । ଫଳରେ ସେମାନେ ବ୍ୟକ୍ତିଗତ ଏବଂ ସାମୂହିକ ଶାନ୍ତି ଓ ଉନ୍ନତି ରହିତ ହୋଇ ଯାଉଛନ୍ତି । ଏଥି ଯୋଗୁଁ ଚିନ୍ତା, କଳହ, ପାପ ଓ ଅଶାନ୍ତି ଦ୍ୱାରା ସମଗ୍ର ବାତାବରଣ ପ୍ରଦୂଷିତ ହେଉଛି ।

ତପ ଏକ ପୁରୁଷାର୍ଥ, ଯଦ୍ୱାରା ସିଦ୍ଧି, ଶାନ୍ତି, ସମୃଦ୍ଧି, ସ୍ୱର୍ଗ ଓ ମୁକ୍ତି ଭଳି ସଫଳତା ଉପାର୍ଜନ କରାଯାଏ ଏବଂ ପାପ, ତାପ, ବିଘ୍ନ, ସଂକଟ, ପ୍ରାରବ୍ଧ ଓ ଆସୁରୀ ତତ୍ତ୍ୱଗୁଡ଼ିକୁ ପରାସ୍ତ କରି ନିଜ ପୌରୁଷର ବିଜୟଘୋଷ କରାଯାଏ । କୁହାଯାଏ ଯେ ଈଶ୍ୱର ସେମାନଙ୍କର ସହାୟତା କରନ୍ତି, ଯେଉଁମାନେ ନିଜର ସହାୟତା ନିଜେ କରନ୍ତି । ବାହାଦୁର ଓ ଉଦ୍ୟମୀକୁ ହିଁ ପୁରସ୍କାର ମିଳେ । ଈଶ୍ୱରୀୟ କୃପା ଓ ବିଶେଷ ସହାୟତାର ଅଧିକାରୀ ସେହି ବ୍ୟକ୍ତି ହୋଇଥାଏ, ଯିଏ ତପଶ୍ଚର୍ଯ୍ୟା ଦ୍ୱାରା ନିଜର ପ୍ରାମାଣିକତା ସିଦ୍ଧ କରିଦିଏ ।

ଅନ୍ୟ ଧାର୍ମିକ କ୍ରିୟାଗୁଡ଼ିକ କରି ପୁଣ୍ୟ ଲାଭ ପ୍ରାପ୍ତ କରୁଥିବା ବ୍ୟକ୍ତି ସୀମିତ ମର୍ଯ୍ୟାଦା ପର୍ଯ୍ୟନ୍ତ ଆତ୍ମୋନ୍ନତି କରି ନିଅନ୍ତି, କିନ୍ତୁ ତପସ୍ୱୀର ଶକ୍ତି କୌଣସି ସୀମା ବା ମର୍ଯ୍ୟାଦାରେ ବନ୍ଧା ହୋଇ ନାହିଁ । ଅଷ୍ଟସିଦ୍ଧି, ନବନିଧି ତା'ର କରତଳଗତ ହୋଇପାରେ । ସେ ନିଜକୁ ପୂର୍ଣ୍ଣତାର ଅନ୍ତିମ ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚାଇ ପାରେ ଏବଂ ନିଜର ତେଜ ଦ୍ୱାରା ଅନେକଙ୍କୁ ପ୍ରକାଶ ଓ ବଳ ପ୍ରଦାନ କରିପାରେ । ଏହିପରି ଆମେ ସତତ ସତକର୍ମ କରି ତପ କ୍ଷେତ୍ରରେ ପ୍ରବେଶ କରିବା ଉଚିତ । ତପ ସହିତ ବିବେକର ବି ଆବଶ୍ୟକତା ରହିଛି । ବିବେକ ଦ୍ୱାରା ତପର ଉର୍ଜାକୁ ଦିଶା ମିଳିଥାଏ । ବିବେକଶୀଳତାକୁ ଧାରଣ କରି ତପ କରିବା ଏବଂ ଉର୍ଜାକୁ ବିଶ୍ୱକଲ୍ୟାଣରେ ଲଗାଇବା ହିଁ ସାଧକର ଯାତ୍ରାପଥ ଅଟେ ।

## ଟିକିଏ ହସନ୍ତୁ

କଣ୍ଡକ୍ଟର : ଟିକେଟ୍ କରିନିଅ ।
ମଣ୍ଟୁ : ଗୋଟେ ଫୁଲ ଓ ଗୋଟେ ଅଧା ଟିକେଟ୍ କରିବ ।
କଣ୍ଡକ୍ଟର : ତୋର ତ ନିଶ ଉଠିଲାଣି । ତୋର ଫୁଲ ଟିକେଟ୍ ହେବ ।
ମଣ୍ଟୁ : ହଉ ଠିକ୍ ଅଛି । ମୋ ମା'ର ତ ନିଶ ଉଠିନି । ତା'ର ହାଫ୍ ଟିକେଟ୍ କର ।

× × × ×

ସ୍ୱାମୀ ସ୍ତ୍ରୀକୁ : ଡାର୍ଲିଂ, ମୁଁ ତୁମକୁ ବହୁତ ଭଲପାଏ ।
ସ୍ତ୍ରୀ : ତମେ କ'ଣ ଭାବୁଛ ମୁଁ ତୁମକୁ ଭଲପାଏନି । ମୁଁ ତ ତୁମ ପାଇଁ ସାରା ଦୁନିଆ ସହ ଲଢ଼ିପାରିବି ।
ସ୍ୱାମୀ : ହେଲେ ତମେ ତ କେବଳ ମୋ ସହ ଲଢୁଛ ।
ସ୍ତ୍ରୀ : କାରଣ ତୁମେ ହିଁ ତ ମୋ ଦୁନିଆ ।

× × ×

ସ୍ୱାମୀ ସେଲୁନରୁ ଚୁଟି କାଟି ଆସିବା ପରେ ସ୍ତ୍ରୀ କୁ : ଦେଖିଲ, ଚୁଟି କାଟିବା ପରେ ମୁଁ ତୁମଠୁ ୧୦ ବର୍ଷ ଛୋଟ ଲାଗୁନି ?
ସ୍ତ୍ରୀ : ଗୋଟେ କାମ କଲନି, ପୁରା ଲଣ୍ଡା ହେଇକି ପଳେଇ ଆସିଲନି । ସାଙ୍ଗେ ସାଙ୍ଗେ ଜନ୍ମ ହେଇଥିବା କଅଁଳ ଛୁଆ ପରି ଲାଗିଥାନ୍ତ ।



× × × ×

ସ୍ୱାମୀ ସ୍ତ୍ରୀ କୁ: ମୁଁ ତୁମକୁ ବହୁତ ଭଲପାଏ । ତମର କ'ଣ ହେଇଗଲେ ମୁଁ ପାଗଳ ହେଇଯିବି ।
ସ୍ତ୍ରୀ: ଦ୍ୱିତୀୟ ବିବାହ କରିବନି ତ ?
ସ୍ୱାମୀ : ଏକ ପାଗଳ ଉପରେ କ'ଣ ଭରସା । ସେ ତ କିଛି ବି କରିପାରେ ।

× × × × × ×

ସ୍ୱାମୀ : କେମିତିଆ ଡାଲି କରିଛ ପୂରା ପାଣି ଭଳି ଲାଗୁଛି । ସ୍ୱାଦ ବୋଲି ଟିକେ ନାହିଁ । ଦିନରାତି ଖାଲି ମୋବାଇଲ୍‌କୁ ଚାହିଁ ରହୁଛ । କାମରେ ଜମାରୁ ଧ୍ୟାନ ନାହିଁ ।
ସ୍ତ୍ରୀ : ଆଗ ତମେ ତମ ମୋବାଇଲ ଦେଖା ବନ୍ଦ କର । ବହୁତ ସମୟ ହେଲାଣି ଦେଖୁଛି ତମେ ରୁଟିକୁ ଡାଲିରେ ନ ବୁଡ଼େଇ ପାଣିରେ ବୁଡ଼େଇ ଖାଉଛ ।

× × × × × ×

ପିଣ୍ଟୁ ଚଷମା ଦୋକାନୀକୁ : ଗୋଟେ ପାୱାରବାଲା ଚଷମା ଦିଅନ୍ତୁ ।
ଦୋକାନୀ : କାହା ପାଇଁ ?
ପିଣ୍ଟୁ : ଆମ ସାରଙ୍କ ପାଇଁ ।
ଦୋକାନୀ : ପାୱାର କେତେ ଜାଣିଛ ?
ପିଣ୍ଟୁ : ଜାଣିନି । ହେଲେ ଏତିକି ଜାଣିଛି ତାଙ୍କ ଆଖିକୁ ଭଲ ଦେଖାଯାଉନି ।
ଦୋକାନୀ : କେମିତି ଜାଣିଲ ?
ପିଣ୍ଟୁ : କାହିଁକି ନା ମୁଁ ତାଙ୍କୁ ସବୁବେଳେ ଗଧ ହିଁ ଦେଖାଯାଉଛି ।

ବର୍ଷ ୨୬, ସଂଖ୍ୟା-୨, ୦୯ - ୧୫ ଜାନୁଆରୀ ୨୦୨୨

# ଅସଜଡ଼ା ଶିକ୍ଷା ବ୍ୟବସ୍ଥା

ସ୍ୱାଧୀନତା ପରେ ଆମ ଦେଶରେ ଶିକ୍ଷା କ୍ଷେତ୍ରରେ ଅନେକ ପରୀକ୍ଷା-ନିରୀକ୍ଷା କରାଯାଇଛି । କମିଶନ ପରେ କମିଶନ ବସିଛି । ଯୋଜନା ପରେ ଯୋଜନା ଚାଲିଛି । ଜାତୀୟ ଶିକ୍ଷାନୀତି ପ୍ରଣୟନ ହୋଇଛି । ନିକଟରେ ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରଣୟନ ମଧ କରାଯାଇଛି । ଖାଲି ସେତକି ନୁହେଁ, ପୂର୍ବରୁ ସାମ୍ବିଧାନିକ ବିଧି ବ୍ୟବସ୍ଥା ସମେତ ୧୯୬୮ ଓ ୧୯୮୬ ଜାତୀୟ ଶିକ୍ଷାନୀତି, ନିରନ୍ତର ଶିକ୍ଷା, କଳାପଟା ଅଭିଯାନ, ସର୍ବଶିକ୍ଷା ଅଭିଯାନ, ଶିକ୍ଷା ଅଧିକାର ଆଇନ ଇତ୍ୟାଦି କାର୍ଯ୍ୟକାରୀ ହେଉଅଛି । ଆଦର୍ଶ ବିଦ୍ୟାଳୟ ବି ପ୍ରତିଷ୍ଠା ହେଉଛି । ଏସବୁ ସତ୍ତ୍ୱେ ଶିକ୍ଷା ବ୍ୟବସ୍ଥା ଯେଉଁ ତିମିରେକୁ ସେଇ ତିମିରେ ରହିଛି । ଏପରିକି ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେବାର ୧୦ ବର୍ଷ ପରେ ବି ଶିକ୍ଷା ଅଧିକାର ଅନେକଙ୍କ ପାଇଁ ସ୍ୱପ୍ନ ହୋଇ ରହିଛି । ଏବେ ପୁଣି ରାଜ୍ୟ ସରକାର 'ମୋ ସ୍କୁଲ ଅଭିଯାନ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଉଦ୍ଦେଶ୍ୟ ହେଉଛି ସ୍କୁଲର ବିକାଶରେ ପୁରାତନ ଛାତ୍ର ଓ ସାଧାରଣ ଲୋକଙ୍କୁ ସାମିଲ କରିବା । ଏଥିପାଇଁ ସରକାର ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଘୋଷଣା କରିଛନ୍ତି । ସ୍କୁଲର ବିକାଶ ପାଇଁ ଯେତିକି ଅର୍ଥ ସହାୟତା ଦେବେ ତାର ଦ୍ୱିଗୁଣ ରାଜ୍ୟ ସରକାର ଯୋଗାଇ ଦେବେ । ଏହି ଅର୍ଥରେ ସ୍କୁଲର ଭିତ୍ତିଭୂମି ବିକାଶ, ପାଠାଗାର ଓ ବିଜ୍ଞାନଗାର ନିର୍ମାଣ, କ୍ରୀଡ଼ାର ବିକାଶ, ଖେଳ ପଡିଆର ଉନ୍ନତି, ସ୍ୱାସ୍ଥ୍ୟ ଶିବିର, ଆୟୋଜନ ଓ ବୃକ୍ଷ ରୋପଣ ଇତ୍ୟାଦି କାର୍ଯ୍ୟକ୍ରମ ଜରିଆରେ ସ୍କୁଲକୁ ଏକ ଆଦର୍ଶ ବିଦ୍ୟାଳୟରେ ପରିଣତ କରାଯିବ । ଏହାର ସଫଳ ରୂପାୟନ ପାଇଁ ବିଭିନ୍ନ ବିଦ୍ୟାଳୟମାନଙ୍କରେ କମିଟିମାନ ଗଢ଼ା ହେଉଛି । ସତରେ କ'ଣ ଷାଠିଏ ମହଣ ଘିଅ ପୋଡ଼ାହବ ନା ରାଧା ନାଚିବ । ଏଥି ସହିତ ଶିକ୍ଷକମାନଙ୍କୁ ମଧ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ଦିଆଯାଉଛି । ତାହା ଶିକ୍ଷକମାନଙ୍କୁ କେତେ କ୍ରିୟାଶୀଳ କରୁଛି ତାହା ଭିନ୍ନକଥା ବରଂ ଶିକ୍ଷକ ମାନେ ଏହା ଦ୍ୱାରା ଅଧିକ ଭାରାକ୍ରାନ୍ତ ହେଉଥିବା ଲକ୍ଷ୍ୟ କରାଯାଉଛି ।

ଆମ ଶିକ୍ଷା ବ୍ୟବସ୍ଥା କଥା ଆଲୋଚନା କଲେ ଜଣାପଡେ ଯେ, ସ୍ୱାଧୀନତା ପରେ ଅନେକ କମିଶନ ଶିକ୍ଷା କ୍ଷେତ୍ରରେ ବସିଛି । ମାତ୍ର ଶିକ୍ଷା ବ୍ୟବସ୍ଥାର ସେପରି କିଛି ଆଖିଦୃଶିଆ ପରିବର୍ତ୍ତନ ଘଟିନାହିଁ । ଶିକ୍ଷାର ବିକାଶ ପାଇଁ ଆବଶ୍ୟକ ହେଉଥିବା ଅର୍ଥର ଅଭାବ ହିଁ ଏହାର ପ୍ରମୁଖ କାରଣ । ବିଭିନ୍ନ ସମୟରେ ଗଠନ କରାଯାଇଥିବା ଶିକ୍ଷା କମିଶନ ଓ ଶିକ୍ଷା କମିଟିର ସୁପାରିଶ ହେଉଛି ଶିକ୍ଷା ବାବଦରେ ବ୍ୟୟ ବରାଦ ବୃଦ୍ଧି କରିବା ପାଇଁ । ଏସବୁ କମିଶନ ଓ କମିଟିର ସୁପାରିଶ ଶୀତଳ ଭଣ୍ଡାରରେ ପଡି ରହିଛି । ୧୯୬୪ ମସିହାରେ ଗଠିତ କୋଠାରି କମିଶନ କେନ୍ଦ୍ର ବଜେଟର ୧୦ ଭାଗ ଓ ରାଜ୍ୟ ବଜେଟର ୩୦ ଭାଗ ଶିକ୍ଷା କ୍ଷେତ୍ରରେ ବ୍ୟୟ କରିବାକୁ ସରକାରଙ୍କୁ ସୁପାରିଶ କରିଥିଲେ । କିନ୍ତୁ ଅଦ୍ୟାବଧି ଶିକ୍ଷା କ୍ଷେତ୍ରରେ ବ୍ୟୟ ନିର୍ଦ୍ଧାରିତ ସୁପାରିଶ ଠାରୁ ବହୁଦୂରରେ । ବରଂ କେନ୍ଦ୍ର ବଜେଟରେ ଶିକ୍ଷା ପାଇଁ ବ୍ୟୟ ୪.୪ ପ୍ରତିଶତରୁ ୩.୩ ପ୍ରତିଶତକୁ ହ୍ରାସ ପାଇଥିବା ବେଳେ ଆମ ରାଜ୍ୟ ବଜେଟରେ ୧୦.୪ ଭାଗ ଶିକ୍ଷା ପାଇଁ ବ୍ୟୟବରାଦ କରାଯାଉଛି । କାରଣ ଆମ ଦେଶ ତଥା ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ବ୍ୟୟକୁ ଏକ ବୋଝ ବୋଲି ବିବେଚନା କରାଯାଏ, ପରିସମ୍ପତ୍ତି ନୁହେଁ । ବିଶେଷ କରି ୧୯୯୦ ଦଶକ ପରଠାରୁ ଆମ ଦେଶ ଜଗତୀକରଣକୁ ଆପଣେଇ ନେଲାପରେ ଶିକ୍ଷା କ୍ଷେତ୍ରରେ ଏହାର ପ୍ରତିକୂଳ ପ୍ରଭାବ ବହୁଳ ଭାବରେ ପରିଲକ୍ଷିତ ହୋଇଛି । ଏହାର ପ୍ରଭାବ ଆମ ରାଜ୍ୟରେ ମଧ ଅନୁଭୂତ ହୋଇଛି ।

ରାଜ୍ୟରେ ପ୍ରାଥମିକ ଶିକ୍ଷା ବିଗିଡିବାର ପ୍ରମୁଖ କାରଣ ହେଉଛି ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ । ଶିକ୍ଷା ଅଧିକାର ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରେ ୨ ଲକ୍ଷ ୨୪ ହଜାର ୩୩୦ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ଅଛନ୍ତି ୧ ଲକ୍ଷ ୧୫ ହଜାର ୮୩୩ ଜଣ ନିୟମିତ ଶିକ୍ଷକ । ବଳକା ୧ ଲକ୍ଷ ୮ ହଜାର ୪୯୭ ଜଣ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ୭୩ ହଜାର ୭୩୬ ଜଣ ନିୟମିତ ଶିକ୍ଷା ସହାୟକ ଓ ଗଣ ଶିକ୍ଷକଙ୍କୁ ନେଇ ଶିକ୍ଷା ବ୍ୟବସ୍ଥା ଚଳାଇଛନ୍ତି । ଖାଲିଥିବା ଶିକ୍ଷକ ପଦବୀ ପୂରଣ ହେବା ତ ଦୂରର କଥା, କେଉଁଠି ୫ ଟି ଶ୍ରେଣୀକୁ ଜଣେ ଶିକ୍ଷକ ତ ଆଉ କେଉଁଠି ୭ଟି ଶ୍ରେଣୀକୁ ଦୁଇ ବା ତିନି ଜଣ ଶିକ୍ଷକରେ ସ୍କୁଲ ଚାଲିଛି । ସେହିପରି ଭିତ୍ତିଭୂମିର ଅଭାବ ଶିକ୍ଷାର ବିକାଶରେ ଏକ ପ୍ରମୁଖ ସମସ୍ୟା ରୂପେ ଉଭା ହୋଇଛି । ଏପର୍ଯ୍ୟନ୍ତ ରାଜ୍ୟରେ ଥିବା ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାନୀୟଜଳ, ପରିମଳ ବ୍ୟବସ୍ଥା, ବିଜୁଳି ଆଲୋକ, ସୁସ୍ଥ ଶିକ୍ଷଣୀୟ ପରିବେଶ ଭଳି ଆବଶ୍ୟକତାକୁ ପୂରଣ କରାଯାଇ ପାରି ନାହିଁ । ଓପେପା ତରଫରୁ ମିଳିଥିବା ସୂଚନା ମୁତାବକ ରାଜ୍ୟରେ ଥିବା ମୋଟ ୫୧ ହଜାର ୯୪ ଟି ସ୍କୁଲ ମଧ୍ୟରୁ ୧୨ ହଜାର ୩୬୪ ଟି ସ୍କୁଲରେ ଶୌଚାଳୟ ନାହିଁ । ୫୦ ପ୍ରତିଶତରୁ ଅଧିକ ସ୍କୁଲରେ ବାଳକ ଓ ବାଳିକାଙ୍କ ପାଇଁ ଅଲଗା ଅଲଗା ଶୌଚାଳୟ ନାହିଁ । ସେହିପରି ୪୧ ହଜାର ୩୮୨ ଟି ସ୍କୁଲରେ ଖେଳପଡିଆ ନଥିଲା ବେଳେ ୪୩ ହଜାର ସ୍କୁଲକୁ ବିଦ୍ୟୁତ୍ ସଂଯୋଗ ନାହିଁ । ୧୨ ହଜାର ୨୦୦ ସ୍କୁଲରେ ମଧାହ୍ନ ଭୋଜନ ରାନ୍ଧିବା ପାଇଁ ରୋଷେଇଘର ନ ଥିଲା ବେଳେ ୧୮ ହଜାର ୫୦୦ ସ୍କୁଲରେ ପାଚେରୀ ନାହିଁ । ସବୁଠାରୁ ପରିତାପର ବିଷୟ ଯେ ୩୫୦ ସ୍କୁଲର ନିଜସ୍ୱ ଘର ନାହିଁ । ଗୋଟିଏ ପଟେ ଶିକ୍ଷକମାନଙ୍କର ଅଭାବ ଓ ଅନ୍ୟପଟେ ଭିତ୍ତିଭୂମିର ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ଦକ୍ଷତା ହ୍ରାସ ପାଇବାରେ ଲାଗିଛି । 'ପ୍ରଥମା' ପ୍ରସ୍ତୁତ କରିଥିବା ରିପୋର୍ଟ ଅନୁଯାୟୀ ୫୩.୩ ପ୍ରତିଶତ ପ୍ରଥମ ଶ୍ରେଣୀ ପିଲା ଦ୍ୱିତୀୟ ଶ୍ରେଣୀର ଗଣିତ କରିବାକୁ ସକ୍ଷମ ନୁହନ୍ତି । ସେହିପରି ୪୫.୮ ପ୍ରତିଶତ ପ୍ରଥମ ଶ୍ରେଣୀ ପିଲା ଦ୍ୱିତୀୟ ଶ୍ରେଣୀ ବହି ପଢ଼ି ପାରନ୍ତି ନାହିଁ ।

କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକାରୀ କରିଛନ୍ତି । ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ନିମନ୍ତେ ସରକାର ଛାତ୍ରଛାତ୍ରୀଙ୍କୁ ମଧାହ୍ନ ଭୋଜନ, ପୁଷ୍ଟିକର ଅଣ୍ଡା, ମାଗଣାରେ ପାଠ୍ୟ ପୁସ୍ତକ, ପୋଷାକ ଯୋଗାଇ ଦେଉଛନ୍ତି । ବିଦ୍ୟାଳୟକୁ ସର୍ବାଙ୍ଗ ସୁନ୍ଦର କରିବା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି । ଏସବୁ ସତ୍ତ୍ୱେ ସର୍ବଶିକ୍ଷା ଅଭିଯାନ ଦିଗହରା ହୋଇଛି । ଏକ ତଥ୍ୟ ଅନୁସାରେ ୨୦୧୧-୧୨ ମସିହାରେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲରେ ଷଷ୍ଠ ଶ୍ରେଣୀରେ ୫,୫୧,୬୮୬ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ୨୦୧୩-୧୪ ଶିକ୍ଷାବର୍ଷରେ ଅଷ୍ଟମ ଶ୍ରେଣୀରେ ପହଞ୍ଚିଲା ବେଳକୁ ଏହି ଛାତ୍ରଛାତ୍ରୀଙ୍କ ସଂଖ୍ୟା ଥିଲା ୨,୯୬,୩୫୩ । ଅବଶିଷ୍ଟ ଛାତ୍ରଛାତ୍ରୀ ବାଟରୁ କୁଆଡେ ଗଲେ ତା'ର ଏବେ ହିସାବ ମିଳୁନାହିଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ହିସାବ ମିଳୁ ନଥିବା ୨,୫୫,୩୩୩ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨,୪୯,୮୬୫ ହେଉଛନ୍ତି ସରକାରୀ ବିଦ୍ୟାଳୟ । ଏବେ ପ୍ରାୟ ଫେଲ୍ ବ୍ୟବସ୍ଥା ନାହିଁ । ଏସବୁ ସତ୍ତ୍ୱେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଢ଼େଇ ଲକ୍ଷ କମିବା ବ୍ୟବସ୍ଥାଗତ ତ୍ରୁଟିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।


ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଲା ଶିକ୍ଷା ବ୍ୟବସ୍ଥାରେ ଜାତିଭେଦ । ଏଠି କିଏ ଜିଲ୍ଲାପରିଷଦ ଶିକ୍ଷକ, କନିଷ୍ଠ ଶିକ୍ଷକ, ଗଣ ଶିକ୍ଷକ, ଶିକ୍ଷା ସହାୟକ ତ କିଏ ବ୍ଲକଗ୍ରାଣ୍ଟ ଶିକ୍ଷକ । ଯଦିଓ ନିକଟରେ ବ୍ଲକଗ୍ରାଣ୍ଟ ବ୍ୟବସ୍ଥା ଉଚ୍ଛେଦ କରାଯାଇଛି ତଥାପି ସେମାନଙ୍କୁ ପୂର୍ଣ୍ଣ ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ମିଳିନାହିଁ । କାହିଁ ଅତୀତରେ ଶିକ୍ଷକମାନଙ୍କୁ ଏପରି ଭାଗ ଭାଗ କରାଯାଉ ନଥିଲା ? ଗୋଟିଏ ବୃତ୍ତିରେ ଥାଇ ସମାନ କାମକରି ଭିନ୍ନ ଭିନ୍ନ ବେତନ ପାଉଥିବାରୁ ଶିକ୍ଷକମାନେ ହୀନମନ୍ୟତାର ଶିକାର ହେଉଛନ୍ତି । ପରିଣାମ ସ୍ୱରୂପ ବିଭିନ୍ନ ସମୟରେ ସେମାନେ ଆନ୍ଦୋଳନ କରୁଛନ୍ତି ଓ କୋର୍ଟ କଚେରୀର ଦ୍ୱାରସ୍ଥ ହେଉଛନ୍ତି ତାଙ୍କୁ ଶିକ୍ଷକ ସ୍କେଲ ଦେବା ପାଇଁ ସାମଗ୍ରିକ ଭାବେ ଏହାର ପ୍ରତିକୂଳ ପ୍ରଭାବ ଶିକ୍ଷା ବ୍ୟବସ୍ଥା ଉପରେ ପଡୁଛି । ସମାନ ଶିକ୍ଷା ବ୍ୟବସ୍ଥା ଓ ସମାନ କାମକୁ ସମାନ ଦରମା ହିଁ ଏହି ସମସ୍ୟାର ସମାଧାନ କରିପାରିବ ।

ଶିକ୍ଷା ହିଁ ମାନବ ସମ୍ବଳ ବିକାଶର ମୁଖ୍ୟ ଆୟୁଧ ଓ ପ୍ରଗତିର ଚାବିକାଠି । ଏଥିପାଇଁ ଶିକ୍ଷାନୁଷ୍ଠାନକୁ ରାଜନୈତିକ ହସ୍ତକ୍ଷେପରୁ ମୁକ୍ତ ରଖିବାକୁ ହେବ । ସଂପ୍ରତି ଶିକ୍ଷା ଅନୁଷ୍ଠାନର ବାର୍ଷିକ ଉତ୍ସବ ହେଉ କି ରୌପ୍ୟ ଜୟନ୍ତୀ ବା ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ହେଉ ସବୁଠି ରାଜନୀତିର ପ୍ରବେଶ । ଏପରିକି ଅତିଥି ଚୟନ ଏହି ପ୍ରକ୍ରିୟାରୁ ବାଦ୍ ପଡୁନି ।

ସେହିପରି ଆମ ଶିକ୍ଷା ବ୍ୟବସ୍ଥାକୁ ସଜାଡିବା ପାଇଁ ମୋ ସ୍କୁଲ ଅଭିଯାନ କମିଟିର ସଭାପତି ପଦକୁ ନେଇ ବି ରାଜନୀତି । କେଉଁ ଦଳର ପ୍ରତିନିଧି ସଭାପତି ହେବେ ସେଥିପାଇଁ ମଧ ପ୍ରତିଯୋଗିତା । ଏଥିପାଇଁ ଶିକ୍ଷାନୁଷ୍ଠାନ ଗୁଡିକ ରାଜନୀତିର ପଶାପାଲିରୁ ମୁକୁଳିବା ଦରକାର । ତାହେଲେ ଯାଇ ଶିକ୍ଷାନୁଷ୍ଠାନ ଗୁଡିକ ସ୍ୱାଭାବିକ ଭାବେ କାର୍ଯ୍ୟ କରିବ ।

## ସୂତାକଳର ଉଦ୍ୟୋଗ

**ମହାତ୍ମା ଗାନ୍ଧୀ**



**ଆମ** ସୂତାକଳମାନେ ଆଜି ଆମ ଚାହିଦା ମୁତାବକ ଯଥେଷ୍ଟ ସୂତା ମୋଟେ ଗାଟି ପାରିବେ ନାହିଁ ଏବଂ ଯଦି ପାରିବେ, ବାଧ ନ ହେବା ପର୍ଯ୍ୟନ୍ତ ସେମାନେ ମୂଲ୍ୟକୁ ଆଦୌ କମ୍ କରିବେ ନାହିଁ । ସିଧା ପଇସା କମାଇବା ହିଁ ସେମାନଙ୍କର କାମ ତେଣୁ ଜାତିର ପ୍ରୟୋଜନଗୁଡିକ ଅନୁସାରେ ସେମାନେ କଦାପି ଦରଦାମ୍‌କୁ ନିୟନ୍ତ୍ରଣରେ ରଖିବେ ନାହିଁ । ତେଣୁ ହାତରେ ସୂତା କାଟିବା ଦ୍ୱାରା ଦରିଦ୍ର ଗ୍ରାମବାସୀଙ୍କ ହାତରେ କୋଟି କୋଟି ଟଙ୍କା ଦିଆଯିବାର ମସୁଧା କରାଯାଇଛି । ପ୍ରତ୍ୟେକ କୃଷିପ୍ରଧାନ ଦେଶ ପାଖରେ ଗୋଟିଏ ପରିପୂରକ ଉଦ୍ୟୋଗ ରହିଥିବା ଆବଶ୍ୟକ, ଯେପରିକି ତଦ୍ୱାରା କୃଷକମାନେ ସେମାନଙ୍କର ବଳକା ସମୟକୁ କାମରେ ଲଗାଇ ପାରିବେ । ଏହିଭଳି ଏକ ଉଦ୍ୟୋଗ ସର୍ବଦା ସୁତାକଟା ହିଁ ହୋଇ ରହିଆସିଛି । ଏକ ପ୍ରାଚୀନ ଧନ୍ଦା, ଯାହାକୁ ନଷ୍ଟ କରିଦେବା ଦ୍ୱାରା ଦାସତ୍ୱ ଆସିଛି, ଦାରିଦ୍ର୍ୟ ଆସିଛି ଓ ଏହି ଦେଶର ଅନୁକରଣୀୟ କଳାତ୍ମକ ପ୍ରତିଭା ଅନ୍ତର୍ହିତ, ତାହାର ପୁନରୁଦ୍ଧାର କରିବାକୁ ପ୍ରୟାସ କରିବା, ତା କ'ଣ ଏପରି ଏକ ତୁଚ୍ଛ କଳ୍ପନାର ଆଦର୍ଶଟିଏ ? ଭାରତବର୍ଷର ସେହି କଳାତ୍ମକ ପ୍ରତିଭାମାନ ଏକଦା ତାହାର ଚମତ୍କାରିତାପୂର୍ଣ୍ଣ ବୟନଶିଳ୍ପରେ ଅଭିବକ୍ତ ହେଉଥିଲା ଓ ତାହାକୁ ଦେଖି ପୃଥିବୀ ଈର୍ଷାନ୍ୱିତ ହେଉଥିଲା ।

ମୁଁ କ'ଣ ସୂତାକଳଗୁଡିକୁ ଧ୍ୱଂସ କରିଦେବାକୁ ଇଚ୍ଛା କରୁଛି ମୋତେ ଅଧିକାଂଶ ସମୟରେ ଏକଥା ପଚରା ଯାଇଛି । ଯଦି ମୁଁ ତାହା ଇଚ୍ଛା କରୁଥାନ୍ତି, ତେବେ ଅବକାରୀ ଶୁଳ୍କର ବିଲୋପ ନିମନ୍ତେ ମୁଁ କଦାପି ଚାପ ଦେଇ ନ ଥାନ୍ତି । ମୁଁ ସୂତାକଳର ମଧ ଉନ୍ନତି ଚାହେଁ, କେବଳ, ଦେଶର ଅନିଷ୍ଟସାଧନ କରି ତାହାର ଉନ୍ନତି ହେଉ ବୋଲି ଇଚ୍ଛା କରେ ନାହିଁ । ଓଲଟି, ଉଦ୍ୟୋଗଟି ଯାଉ ବୋଲି ଯଦି ଦେଶର ସ୍ୱାର୍ଥଦୃଷ୍ଟିରୁ ଆବଶ୍ୟକ ପଡିବ, ତେବେ ଏତେଗୁଡିଏ ପଶ୍ଚାତ୍ତାପ ନକରି ମଧ ମୁଁ ତାହାକୁ ଚାଲି ଯିବାଲାଗି ବାଟ ଛାଡିଦେବି । ମୋ' ମତରେ ମିଲର ଅଂଶୀଦାରମାନେ ଯେପରି ସେମାନଙ୍କ ମିଲର ପରିଚାଳକ, ମିଲର ଶ୍ରମିକମାନେ ମଧ ସେହିପରି ପରିଚାଳକ । ସେମାନଙ୍କ ପରି ଶ୍ରମିକମାନେ ମଧ ସମାନଭାବରେ ମିଲର ମାଲିକ ବୋଲି ଯେଉଁଦିନ ମିଲମାଲିକମାନେ ଉପଲବ୍ଧି କରିବେ ସେତେବେଳେ ସେମାନଙ୍କ ମଧରେ ଆଉ କୌଣସି କଳହ ରହିବ ନାହିଁ ।

## କ୍ଷୀରରେ ଚିନି ପରିବର୍ତ୍ତେ ମହୁ

ବିଶୁଦ୍ଧ ମହୁ ଏପରି ଏକ ଖାଦ୍ୟ ଯାହା ଅଧିକ ଦିନ ପର୍ଯ୍ୟନ୍ତ ରହିଲେ ମଧ ଖରାପ ହୁଏ ନାହିଁ । ମହୁରେ ପାଣି ଭାଗ ଖୁବ୍ କମ୍ ଥିବାରୁ ଏଥିରେ ବ୍ୟାକ୍ଟେରିଆ ହୋଇ ନଥାଏ । ମହୁକୁ ଗରମ କଲେ ସେଥିରେ ଥିବା ଲାଭକାରୀ ଗୁଣ କମ୍ ହୋଇଯାଇଥାଏ । ମହୁ ସ୍ମରଣଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଏହାଛଡ଼ା ମହୁର ଅନେକ ଔଷଧୀୟ ଗୁଣ ମଧ ରହିଛି ।

ଗରମ କ୍ଷୀରରେ ମହୁ ମିଶାଇ ପିଇଲେ ମାନସିକ ଚାପରୁ ମୁକ୍ତି ମିଳିଥାଏ ।



ଶୋଇବାର ଏକ ଘଣ୍ଟା ପୂର୍ବରୁ ଗରମ କ୍ଷୀରରେ ମହୁ ମିଶାଇ ପିଇଲେ ଭଲ ନିଦ ହୋଇଥାଏ ।

ପାଚନ କ୍ରିୟାକୁ ଭଲ ରଖିବାକୁ ଚାହୁଁଥିଲେ ଗରମ କ୍ଷୀରରେ ମହୁ ମିଶାଇ ପିଅନ୍ତୁ । ଏହା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ ।

କ୍ଷୀରରେ ମହୁ ମିଶାଇ ପିଇଲେ ହାଡ ମଜବୁତ ହେବା ସହ ହାଡ଼ଜନିତ ରୋଗରୁ ମଧ ଆରାମ ମିଳିଥାଏ ।

କ୍ଷୀର ସହ ମହୁ ମିଶାଇ ପିଇଲେ ଶାରୀରିକ ଏବଂ ମାନସିକ କ୍ଷମତା ବୃଦ୍ଧି ହୋଇଥାଏ । ଆଉ ଏହାର ସିଧାସଳଖ ପ୍ରଭାବ ଆମ କାମ ଉପରେ ପଡିଥାଏ ଯାହା ସକାରାତ୍ମକ ହୋଇଥାଏ ।

## ଲବଙ୍ଗର ଔଷଧୀୟ ଗୁଣ

ଯଦି ଗ୍ୟାସ୍ ପ୍ରୋବ୍ଲେମ ରହିଛି ତ ଗୋଟିଏ କପ୍ ପାଣିରେ ୨ଟି ଲବଙ୍ଗ ଗୁଣ୍ଡକରି ପକାନ୍ତୁ । ପାଣି ଥଣ୍ଡାହେଲା ପରେ ଏହାକୁ ପିଅନ୍ତୁ ।

ଦାନ୍ତ ବିନ୍ଧୁଥିଲେ ଗୋଟିଏ ଚାମଚ ଲେମ୍ବୁ ରସରେ ଲବଙ୍ଗ ଘସିକି ଦାନ୍ତରେ ଲଗାନ୍ତୁ ବିନ୍ଧାରୁ ମୁକ୍ତି ମିଳିବ ।

ପାଟି ଦୁର୍ଗନ୍ଧ ହେଉଥିଲେ ଗୋଟିଏ ଲବଙ୍ଗ ସହିତ ଗୋଟିଏ ଗୁଜରାତି ଚୋବାନ୍ତୁ ।

ଥଣ୍ଡା ଜ୍ୱର ହେଉଥିଲେ ଲବଙ୍ଗ ଏବଂ ୪-୫ ଟି ତୁଳସୀ ପତ୍ର ଗୋଟିଏ କପ୍ ପାଣିରେ ସିଝାଇ ମହୁରେ ମିଶାଇ ପିଅନ୍ତୁ ।



ଗଳା ଦରଜ ହୋଇଥିଲେ ଲବଙ୍ଗକୁ ଗୁଣ୍ଡକରି ସୋରିଷ ତେଲରେ ମିଶାଇ ହାଲକା ଭାବେ ଗଳାରେ ସାମିଲ କରନ୍ତୁ ।

ଯଦି ପେଟରେ କୃମି ହୋଇଛି ତ ଲବଙ୍ଗକୁ ପେଶିକରି ଗୋଟିଏ ଚାମଚ ମହୁ ସହିତ ମିଶାଇ ନିଅନ୍ତୁ । କିଛିଦିନ ଏପରି କରନ୍ତୁ ଏଥିରୁ ମୁକ୍ତି ମିଳିବ ।

ଷ୍ଟ୍ରେସରେ ଥିଲେ ଲବଙ୍ଗ, ତୁଳସି ଏବଂ ପୁଦିନାର ୭-୮ ଟି ପତ୍ର, ଗୋଟିଏ ଗୁଜୁରାତି ପାଣିରେ ସିଝାଇ ପିଅନ୍ତୁ । ମୁଣ୍ଡ ବିନ୍ଧୁଥିଲେ ଲବଙ୍ଗ ଏବଂ ଚିମୁଟେ କର୍ପୂର ଗୁଣ୍ଡକରି ନଡିଆ ତେଲରେ ମିଶାଇ ମୁଣ୍ଡରେ ମାଲିସ କରନ୍ତୁ ।

## ଖାଲି ପେଟରେ ଖାଆନ୍ତୁ ନାହିଁ

ରାତିରେ ସାତ ଆଠ ଘଣ୍ଟାର ବିଶ୍ରାମ ପରେ ସକାଳୁ ଖାଲି ପେଟରେ କ'ଣ ଖାଇବା ଦ୍ୱାରା ଶରୀର ପାଇଁ ହିତକର ହୋଇ ପାରିବ ସେ ବିଷୟରେ ଆମେ ଜାଣିପାରୁ ନାହୁଁ । ତେଣୁ କ୍ଷୁଧା ମେଣ୍ଟାଇବା ପାଇଁ ଯାହା ହାତରେ ଆସେ ତାହା ଖାଇଦେଉ । କିନ୍ତୁ କିଛି ଦ୍ରବ୍ୟ ଏମିତି ଅଛି ଯାହା ଖାଇବା ଦ୍ୱାରା କ୍ଷୁଧା ମେଣ୍ଟିଯାଏ ସିନା ସମସ୍ୟା ବଢ଼ିଯାଏ । ଖାଲି ପେଟରେ ଚା ପିଇବା ଦ୍ୱାରା ଏଥିରେ ଥିବା କାଫିନ୍ ଶରୀରରେ ଏସିଡର ମାତ୍ରା ବଢ଼ିଥାଏ । ଯାହା ଭବିଷ୍ୟତରେ ବହୁ ସମସ୍ୟା ସୃଷ୍ଟି କରେ । ଖାଲି ପେଟରେ ଟମାଟୋ ଆଦୌ ଖାଆନ୍ତୁ ନାହିଁ । ଟମାଟୋ ତଥା ବିଲାତି ବାଇଗଣରେ ଅଧିକ ମାତ୍ରାରେ ଏସିଡ୍ ଥାଏ ଯାହା ପଥୁରୀ ସମସ୍ୟା ସୃଷ୍ଟି କରେ । ଖାଲି ପେଟରେ ଔଷଧ ଖାଇଲେ ଶରୀରର ସନ୍ତୁଳନ ମାତ୍ରା ବିଗିଡିଯାଏ । ଖାଲି ପେଟରେ ଥିବା ସମୟରେ କଦଳୀ ମଧ ଖାଆନ୍ତୁ ନାହିଁ । ଏଥିରେ ଥିବା ମ୍ୟାଗ୍ନେସିୟମ ଏବଂ ଶରୀରରେ କ୍ୟାଲସିୟମ୍‌ରେ ସନ୍ତୁଳନ ନରହି ଭବିଷ୍ୟତରେ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡେ ।

## ମେଥିଦାନାର ବ୍ୟବହାର

ଭାରତୀୟ ବ୍ୟଞ୍ଜନରେ ମେଥିଦାନାର ବହୁଳ ବ୍ୟବହାର କରାଯାଇଥାଏ । ପ୍ରାଚୀନ କାଳରେ ବଇଦମାନେ ଏହାକୁ ଔଷଧ ଭାବେ ମଧ ଉପଯୋଗ କରୁଥିଲେ । କେଶ ଓ ତ୍ୱଚା ଉପରେ ମେଥିଦାନା ଉତ୍ତମ ପ୍ରଭାବ ପକାଉଥିବାର ପ୍ରକାଶ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ନିୟମିତ ଭାବରେ ୧ ଚାମଚ ମେଥିଦାନା ଖାଇଲେ ତାହା ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ ।



ମେଥିଦାନାରେ ପୋଟାସିୟମ୍ ଅଧିକ ପରିମାଣରେ ଥିବାରୁ ତାହା ଶରୀରରେ ସୋଡିୟମ୍‌ର ପରିମାଣକୁ ନିୟନ୍ତ୍ରଣ କରିଥାଏ । ଏହା ଦ୍ୱାରା ରକ୍ତ ସଞ୍ଚାଳନ ଉତ୍ତମ ହେବା ସହ ହୃଦଯନ୍ତ୍ର ଠିକ୍ ଭାବରେ କାର୍ଯ୍ୟ କରିଥାଏ ।

ମଧୁମେହ ରୋଗୀ ନିୟମିତ ଭାବେ ମେଥିଦାନା ଖାଇବା ସେମାନଙ୍କ ପାଇଁ ଉପକାରୀ । ଏଥିରେ ମହଜୁଦ୍ ଥିବା ଏମିନୋ ଏସିଡ୍ ଶରୀରରେ ଶର୍କରାର ମାତ୍ରାକୁ ନିୟନ୍ତ୍ରଣାଧୀନ ରଖିଥାଏ ।

ମେଥିଦାନାରେ ଭରପୁର ମାତ୍ରାରେ ଫାଇବର ଓ ଆଣ୍ଟି ଅକ୍ସିଡାଣ୍ଟ ଥିବାରୁ ତାହା ଖାଦ୍ୟ ହଜମ କରାଇବାରେ ସାହାଯ୍ୟ କରିଥାଏ ।

ଓଜନ ହ୍ରାସ କରିବା ନିମନ୍ତେ ପ୍ରତ୍ୟହ ମେଥିଦାନା ଖାଇଲେ ୧ ମାସ ମଧରେ ସୁଫଳ ମିଳିଥାଏ ।

ମେଥିରେ ମହଜୁଦ୍ ଥିବା ଫାଇବର ଶରୀରରୁ ଦୂଷିତ ପଦାର୍ଥ ବାହାର କରିଥାଏ । ଏହା ଦ୍ୱାରା କଲୋନ କର୍କଟର ଆଶଙ୍କା କମ୍ ହୋଇଥାଏ ।

ମେଥିଦାନାରେ ଥିବା ପୋଟାସିୟମ୍ ରକ୍ତ ସଞ୍ଚାଳନ ଉତ୍ତମ ହେବାରେ ସାହାଯ୍ୟ କରିଥାଏ ।

## ଶୋଇବା ବେଳେ ସ୍ମାର୍ଟ ଫୋନରୁ ଦୂରେଇ ରହନ୍ତୁ

ଗତ କିଛି ବର୍ଷର ସ୍ଥିତିକୁ ଅନୁଧାନ କଲେ ଜଣାପଡିଥାଏ ପୂର୍ବେ ଲୋକ ଗପ ବହି, ପତ୍ରିକାପଢ଼ି ଶୋଉଥିଲେ । ଏକବିଂଶ ଶତାବ୍ଦୀରେ କିନ୍ତୁ ୭୭% ରୁ ଅଧିକ ଲୋକ ସ୍ମାର୍ଟଫୋନ ଦେଖିଦେଖି ଶୋଉଥାନ୍ତି । କେହି ସୋସିଆଲ ସାଇଟରେ ଅନ ଲାଇନ ରହିଥିବା ବେଳେ ଅନ୍ୟ କେହି ସେଥିରେ ସିନେମା ଦେଖିଥାନ୍ତି । ବିଶେଷଜ୍ଞଙ୍କ ମତରେ ଏଭଳି କରୁଥିବା ବ୍ୟକ୍ତିମାନେ ଏବେଠାରୁ ସଚେତନ ହେବା ଜରୁରୀ । ନଚେତ୍ ଆଗାମୀ ଦିନରେ ସେମାନଙ୍କର ସ୍ୱାସ୍ଥ୍ୟବସ୍ଥା ଅବନତି ହେବାର ଆଶଙ୍କା ଅଧିକ । ଶୋଇବାର ୩୦ ମିନିଟ୍ ପୂର୍ବରୁ ସ୍ମାର୍ଟଫୋନକୁ ଟେବୁଲ୍ ଉପରେ କିମ୍ବା ଶୋଇବା ଘର ଥାକରେ ରଖିବା ହିଁ ବୁଦ୍ଧିମାନର ପରିଚୟ ।

୨୦୧୭ରେ ଇସ୍ରାଏଲର ଗବେଷକଙ୍କ ଅନୁଧାନରୁ ସ୍ପଷ୍ଟ ହୋଇଥିଲା ରାତିବେଳା ସ୍ମାର୍ଟଫୋନ ଅଧିକ ସମୟ ଦେଖିଲେ ତାହା କାରଣରୁ ଆମେ ଅନିଦ୍ରା ହୋଇଥାଉ । ଏଥିରୁ ବାହାରୁଥିବା ଏକ ପ୍ରକାରର 'ସ୍ଲିପ୍ ହରମୋନ' ଆମ ନିଦ୍ରାରେ ବାଧା ସୃଷ୍ଟି କଲାବେଳେ ଆଖି ଲାଲ ହୋଇଥାଏ । ଏପରିକି ରାତିରେ ଅଧିକ ସମୟ ସ୍ମାର୍ଟଫୋନ ଦେଖିଲେ, ସକାଳୁ ଆମକୁ ଥକ୍କା ମଧ ଲାଗେ ।

ଅନ୍ତଃରାଷ୍ଟ୍ରୀୟ କ୍ୟାନ୍ସର ରିସର୍ଚ୍ଚ ଏଜେନ୍ସିର ପରୀକ୍ଷଣ ଅନୁସାରେ, ସ୍ମାର୍ଟଫୋନରୁ ବାହାରୁଥିବା ରଶ୍ମି ଆମ ମସ୍ତିଷ୍କ ଓ କାନ ନିମନ୍ତେ କ୍ଷତିକାରକ । ଅଧିକ ସମୟ କଥାବାର୍ତ୍ତା ହେଲେ କିମ୍ବା ଦେଖିଲେ, ପରବର୍ତ୍ତୀ ସମୟରେ ମସ୍ତିଷ୍କ ଓ କାନରେ ଟ୍ୟୁମର ହେବାର ଆଶଙ୍କା ବଢ଼େ । ସ୍ମାର୍ଟଫୋନରେ ଦିନକୁ ୨ ଘଣ୍ଟାରୁ ଅଧିକ ସମୟ ବାର୍ତ୍ତାଳାପ କରୁଥିବା ଲୋକଙ୍କ ଶ୍ରବଣ ଶକ୍ତି ମଧ କ୍ରମଶଃ ହ୍ରାସ ପାଉଥିବାର ଅନୁଧାନରୁ ସ୍ପଷ୍ଟ ହୋଇଛି ।


୨୦୧୪ ଜୁଲାଇ ଆମେରିକାର ଡାଲାସରେ ଜଣେ ୧୩ ବର୍ଷୀୟ ବାଳକ ନିଜ ତକିଆତଳେ ମୋବାଇଲ ରଖି ଶୋଇପଡିଥିଲେ । ହଠାତ୍ କୌଣସି କାରଣରୁ ମୋବାଇଲରେ ନିଆଁ ଲାଗିଯାଇଥିଲା ।

୨୦୧୫ ମେରେ ସେହିପରି ଏକ ଦୁର୍ଘଟଣା ଆମେରିକାର ଏକ ସହରରେ ଘଟିଥିଲା । ଜଣେ ଯୁବକ ନିଜ ସ୍ମାର୍ଟଫୋନକୁ ଖଟ ଉପରେ ରଖି ଚାର୍ଜି କରୁଥିବା ବେଳେ ନିଆଁ ଲାଗି କକ୍ଷଟି ଭସ୍ମୀଭୂତ ହୋଇଗଲା ।

୨୦୧୮ ଜୁନରେ ମାଲେସିଆର କୁଆଲାଲମପୁର ନିବାସୀ ଜଣେ ଯୁବକ ଶୋଇଥିବା ବେଳେ ତାଙ୍କ ସ୍ମାର୍ଟଫୋନକୁ ପାଖରେ ରଖିଥିଲେ । ସ୍ମାର୍ଟଫୋନଟି ହଠାତ୍ ଫାଟି ଘରେ ନିଆଁ ଲାଗିଥିଲା । ଯୁବକ ଜଣକ ଚିକିତ୍ସାଧୀନ ଅବସ୍ଥାରେ ହିଁ ପ୍ରାଣ ହରାଇଥିଲେ ।

## ବ୍ରେକ୍‌ଫାଷ୍ଟ ନ କଲେ ବଢ଼େ ଆଳସ୍ୟତା

ଦିନଚର୍ଯ୍ୟାର ଶୁଭାରମ୍ଭ ହୋଇଥାଏ ବ୍ରେକଫାଷ୍ଟରୁ । କିନ୍ତୁ କେତେକ ବ୍ୟକ୍ତି କାର୍ଯ୍ୟବ୍ୟସ୍ତତା ଯୋଗୁଁ ଠିକ୍ ସମୟରେ ଏପରି କି ଦିନେ ଦିନେ ଆଦୌ ବ୍ରେକଫାଷ୍ଟ କରିପାରନ୍ତି ନାହିଁ ।



ନିକଟରେ ଏକ ଗବେଷଣାରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ବ୍ରେକଫାଷ୍ଟ ନ ଖାଆନ୍ତି, ତେବେ ତାଙ୍କର ଆଳସ୍ୟତା ବଢ଼ିଯାଇଥାଏ । ଏହା ଦ୍ୱାରା ସେ ନିଜ କାମଗୁଡିକୁ ଠିକ୍ ସମୟରେ ସମ୍ପାଦନ କରିପାରି ନ ଥାନ୍ତି । ଉକ୍ତ ଗବେଷଣା ସହ ସମ୍ପୃକ୍ତ ଆମେରିକୀୟ ଗବେଷକଙ୍କ କହିବା ଅନୁଯାୟୀ, ବ୍ରେକଫାଷ୍ଟ ଠିକ୍ ସମୟରେ କରୁଥିଲେ ତାହା ମସ୍ତିଷ୍କକୁ ଆହୁରି ସକ୍ରିୟ କରାଇଥାଏ । କେବଳ ସେତିକି ନୁହେଁ, ଶରୀରରେ ସୁଗାର ପରିମାଣକୁ ମଧ ସନ୍ତୁଳିତ ରଖିଥାଏ । କିନ୍ତୁ ଯଦି ବ୍ରେକଫାଷ୍ଟରେ ଅନିୟମିତତା ଲାଗିରହେ ତେବେ ତାହା ଆଳସ୍ୟ ପରି ସମସ୍ୟାର କାରଣ ସାଜିଥାଏ ।

## ସୌନ୍ଦର୍ଯ୍ୟରେ ଭରପୁର କଦଳୀ

ପ୍ରଦୂଷଣର ପ୍ରଭାବରେ ସବୁଠୁ ଅଧିକ ଶରୀରର ତ୍ୱଚା ପ୍ରଭାବିତ ହେଉଛି । ସେଥିପାଇଁ ନିୟମିତ ଭାବେ ଯୁବତୀ ଓ ମହିଳାମାନେ ସୌନ୍ଦର୍ଯ୍ୟ ଚର୍ଚ୍ଚା କରିବା ଜରୁରୀ । ବିଭିନ୍ନ ପ୍ରକାର କସମେଟିକ୍ ବ୍ୟବହାର କରିବା ପରିବର୍ତ୍ତେ ଘରୋଇ ଉପାୟକୁ ଆପଣେଇବା ଉତ୍ତମ । ଏହା ଦ୍ୱାରା କମ୍ ଖର୍ଚ୍ଚ ହେବା ସହ ତ୍ୱଚା କ୍ଷତିଗ୍ରସ୍ତ ହୁଏନାହିଁ । ପାଚିଲା କଦଳୀର ପ୍ରୟୋଗ ତ୍ୱଚାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତ । ୧ ଚାମଚ ମହୁରେ ଗୋଟିଏ କଦଳୀକୁ ଭଲଭାବେ ଚକଟି ମୁହଁ, ହାତ ଓ ବେକରେ ଲଗାଇ ୨୦ ମିନିଟ୍ ପରେ ନଖ ଉଷୁମ ପାଣିରେ ଧୋଇନିଅନ୍ତୁ ।

ବାହାରୁ କାମ ସାରି ଫେରିବା ପରେ ପ୍ରତ୍ୟେକଦିନ ତ୍ୱଚା ସଫା ପାଇଁ ଏହି ନିୟମ ଆପଣାନ୍ତୁ ।

ତ୍ୱଚାରେ ଚମକ ଆଣିବା ନିମନ୍ତେ ୨ ଚାମଚ ଲେମ୍ବୁରସରେ କଦଳୀ ଚକଟି ମୁହଁରେ ଲଗାନ୍ତୁ । ୩୦ ମିନିଟ୍ ପରେ ମୁହଁ ଧୋଇବା ପରେ ତ୍ୱଚାର ଔଜ୍ଜ୍ୱଲ୍ୟ ଲକ୍ଷ୍ୟ କରିହେବ ।



କଦଳୀ ଓ ଚିନିକୁ ମିଶାଇ ମୁହଁରେ ଘଷିଲେ ଏହା ସ୍କ୍ରବ୍ ପରି କାମ କରିଥାଏ ।

ଆଖି ତଳ ଦାଗ ପଡିଲେ କଦଳୀ ଚକଟି ସେଥିରେ ୧ ଚାମଚ ଗୋଲାପ ଜଳ ମିଶାନ୍ତୁ । ଆଖି ଉପରେ ଛୋଟ ଧଳା କପଡ଼ା ରଖି ଏହି ମିଶ୍ରଣକୁ ରଖନ୍ତୁ । ୩୦ ମିନିଟ୍ ପରେ ତାହାକୁ ବାହାର କରି ଆଖି ଧୋଇ ନିଅନ୍ତୁ । ୧ ସପ୍ତାହ ଏପରି କଲେ ଆଖିତଳ ଦାଗ କମ୍ ହୋଇଥାଏ ।

କଦଳୀକୁ କଞ୍ଚା କ୍ଷୀର ସହ ମିଶାଇ ତ୍ୱଚାରେ ଲଗାଇଲେ ଦାଗ ଦୂର ହୋଇଥାଏ ।

## ରାମକଥା



ପ୍ରଭୁ ଲୀଳା କଲେ । ସେ ପୁଅକୁ ନେଇଗଲେ । ପ୍ରଥମେ ପ୍ରଥମେ ପିତାମାତାଙ୍କୁ ଦୁଃଖ ହେଲା । କିନ୍ତୁ ପରବର୍ତ୍ତୀକାଳରେ ଭଗବଦ୍ କୃପାରେ ସେମାନଙ୍କର ଭଗବଦ୍ ଭାବ ଦୃଢ଼ ହୋଇଗଲା । ସେମାନେ ଭାବିଲେ, ପ୍ରଭୁ ଯାହା କରିଛନ୍ତି ଠିକ୍ କରିଛନ୍ତି । ଆଜି ସୁଦ୍ଧା ଅନେକ ପିଲାଙ୍କୁ ମୁଁ କୋଳରେ ଖେଳାଇଛି । ସେମାନେ ଗଲେ କୁଆଡେ ? ମୋର ଈଶ୍ୱରଙ୍କ ସହିତ ସମ୍ବନ୍ଧ ହେଉଛି ପ୍ରକୃତ ସମ୍ବନ୍ଧ । ପ୍ରଭୁ ଏହି ଦମ୍ପତିଙ୍କୁ ଅଲୌକିକ ଆନନ୍ଦ ପ୍ରଦାନ କଲେ । ଶେଷରେ ନିତ୍ୟ ଲୀଳାସ୍ଥଳୀକୁ ଏ ଦୁହିଁଙ୍କୁ ନେଇଗଲେ । ସୁଖ ସମୟରେ ବିଘ୍ନ ଉପସ୍ଥିତ ହେଲେ ଆମେ ଜାଣିବା ଉଚିତ ଯେ ପ୍ରଭୁ ଆମକୁ ଅଲୌକିକ ସୁଖ ଦେବାକୁ ଯାଉଛନ୍ତି । ଏଣୁ ଏବେ ବିଘ୍ନ ଆସିଲା । ପ୍ରଭୁଙ୍କ ସେବା ପୂଜା ସ୍ମରଣ ଲୌକିକ ସୁଖ ନିମନ୍ତେ କରିବା ଅନୁଚିତ । ଈଶ୍ୱରଙ୍କୁ କିଛି ମାଗିବା ଉଚିତ ନୁହେଁ । ମାଗିବାକୁ ବ୍ୟବସାୟ ଭଳି ମନେ କରାଯାଏ । ପ୍ରଭୁଙ୍କ ପୂଜା କରିବା, ଆଉ ପ୍ରତିବଦଳରେ ଲୌକିକ ସୁଖ ମାଗିବା ଏହା ତ ଏକ ପ୍ରକାର ବ୍ୟବସାୟ । ବଣିକ, ବ୍ୟବସାୟୀ ଅନ୍ତ୍ୟ କୌଣସି ପ୍ରକାର ପରିଶ୍ରମରେ ପକାଇବା ଉଚିତ ନୁହେଁ । ଠାକୁର ମୋର ଏଇ କାମଟି କରିଦିଅନ୍ତୁ, ଏପରି ଭାବି ଯିଏ ଠାକୁର ପୂଜା କରେ ସେ କିପରି ବୈଷ୍ଣବ ହୋଇପାରେ ? ବୈଷ୍ଣବ ହେଉଛି ପ୍ରଭୁଙ୍କର ଦାସ । ପ୍ରଭୁଙ୍କର କେବଳ ସେବା କରିବା ଏବଂ ନିଷ୍କାମ ଭାବରେ ସେବା କରିବା ହେଉଛି ବୈଷ୍ଣବର ଲକ୍ଷଣ । କାମ ପାଇଁ ରାମ ନୁହଁନ୍ତି, ରାମଙ୍କ ପାଇଁ ହିଁ ରାମ । ପ୍ରଭୁ କାହାକୁ ସୁଖ ଦିଅନ୍ତି ନାହିଁ କି କାହାକୁ ଦୁଃଖ ଦିଅନ୍ତି ନାହିଁ । ମଣିଷର ଖରାପ କର୍ମ ହିଁ ତା'ର ସୁଖ ଦୁଃଖ କାରଣ ରୂପ ହୋଇଥାଏ । ତେବେ ବି ଏହି ଅଜ୍ଞାନୀ ଜୀବ ସୁଖ ପାଇବା ଆଶାରେ ଅଥବା ଦୁଃଖରୁ ମୁକ୍ତ ହେବା ଆଶାରେ ପ୍ରଭୁଙ୍କ ପାଖକୁ ଯାଏ । ଏପରି ସ୍ୱାର୍ଥବୃତ୍ତିରେ ଠାକୁର ବହୁତ ଅପ୍ରସନ୍ନ ହୁଅନ୍ତି । ଠାକୁରଙ୍କ ପାଖକୁ ସୁଖପ୍ରାପ୍ତ ହେବା ପାଇଁ ନୁହେଁ, ପ୍ରଭୁଙ୍କୁ ପ୍ରାପ୍ତ ହେବା ପାଇଁ ଭାବନା ରଖି ଯାଉଥିବା ଉଚିତ । ପ୍ରକୃତ ଭକ୍ତ ପ୍ରଭୁଙ୍କୁ କିଛି ମାଗେ ନାହିଁ । ନିଜର ସର୍ବସ୍ୱ ପ୍ରଭୁଙ୍କୁ ଅର୍ପଣ କରିଦିଏ । ଏଥିରେ ଭଗବାନ ଋଣୀ ହୋଇଯାଆନ୍ତି ।

## ସ୍ୱର୍ବେଦ

**ସଦ୍‌ଗୁରୁ ସୁକୃତଦେଓ୍ୱ କା, ସତ୍ୟ ଅଟଲ ଉପଦେଶ ।**
**ଯହ ଶବ୍ଦ ପରମାଣ ହୈ, ନୀରଭ୍ରାନ୍ତ ଆଦେଶ ॥୨୬॥**


ଭାଷ୍ୟ - ନିତ୍ୟ ଅନାଦି ସଦ୍‌ଗୁରୁଦେବଙ୍କର ଉପଦେଶ ସତ୍ୟ ଆଉ ଅଟଳ ଅଟେ ଏବଂ ସେହି ନିର୍ଭୁଲ ଆଦେଶ ଶବ୍ଦ ପ୍ରମାଣ ଅଟେ । ସଂସାର ନିମନ୍ତେ ଶବ୍ଦ ପ୍ରମାଣ ଶ୍ରେଷ୍ଠ ଅଟେ । ପ୍ରତ୍ୟକ୍ଷ, ଅନୁମାନ, ଉପମାନ ଏବଂ ଶବ୍ଦ - ଏହି ଚାରୋଟି ପ୍ରମାଣ ଭାବରେ ଅଭିହିତ । ପ୍ରତ୍ୟକ୍ଷ ସେହି ପ୍ରମାଣ ଅଟେ, ଯେଉଁଥିରେ ଇନ୍ଦ୍ରିୟ ଏବଂ ତାହାର ଅର୍ଥଗୁଡ଼ିକର ସମ୍ବନ୍ଧ ହେତୁ ଭ୍ରାନ୍ତିଶୂନ୍ୟ ଜ୍ଞାନ ପ୍ରକଟିତ ହୁଏ, ମାତ୍ର ଏହା ଇନ୍ଦ୍ରିୟମାନଙ୍କର ପ୍ରତ୍ୟକ୍ଷ ଅଟେ । ଇନ୍ଦ୍ରିୟଗୁଡ଼ିକରୁ ସେହି ସ୍ୱରୂପ ଯେଉଁ ଯଥାର୍ଥ ବିଷୟ ପ୍ରାପ୍ତ ହୁଏ, ତାହା ପ୍ରତ୍ୟକ୍ଷ ଅଟେ । ଅନୁମାନ ସେହି ପ୍ରମାଣ ଅଟେ, ଯେଉଁଥିରେ ଅନୁମେୟ ଅପ୍ରତ୍ୟକ୍ଷ ବସ୍ତୁର ଅନୁମାନ କରାଯାଏ; ଯେମିତିକି ଧୂମରୁ ଅଗ୍ନିର ଏବଂ ପୁତ୍ରରୁ ପିତାର । ଉପମାନ ପ୍ରମାଣ ତାହା ଅଟେ ଯେଉଁଥିରେ ଅନ୍ୟ ବସ୍ତୁର ଉପମା ଦେଇ ଉପମେୟକୁ ସିଦ୍ଧ କରାଯାଏ - ଯେମିତିକି ଚନ୍ଦ୍ରମା ସମ ମୁଖ, ସୁବର୍ଣ୍ଣ ସମାନ ଦୀପ୍ତିମାନ । ଚତୁର୍ଥ ପ୍ରମାଣ ତାହା ଅଟେ ଯାହା ଆପ୍ତ ସଦ୍‌ଗୁରୁମାନଙ୍କର ବଚନ ଅଟେ । ସେମାନେ ହିଁ ଶବ୍ଦପ୍ରମାଣ ଅଟନ୍ତି । ସଂସାର ନିମନ୍ତେ ଶବ୍ଦପ୍ରମାଣ ଶ୍ରେଷ୍ଠ ଏବଂ ସର୍ବମାନ୍ୟ ଅଟେ । ବ୍ରହ୍ମବିଦ୍ୟା ଗୋପନୀୟ ଏବଂ ଆତ୍ମ ଅନୁଭବ ଦ୍ୱାରା ପ୍ରାପ୍ତ ହେଉଥିବା ବସ୍ତୁ ଅଟେ, ସେଥିପାଇଁ ସଦ୍‌ଗୁରୁଙ୍କର ବଚନ ଉପରେ ପୂର୍ଣ୍ଣ ବିଶ୍ୱାସ କରି ଆଧ୍ୟାତ୍ମ ପଥିକକୁ ସେହି ପ୍ରଦେଶର ବିଧି ଏବଂ ତାହାର ସମସ୍ତ ବ୍ୟବହାରଗୁଡ଼ିକୁ ଜାଣିବା ଉଚିତ । ସେଥିପାଇଁ ସଦ୍‌ଗୁରୁ ହିଁ ମୁକ୍ତିର ସନ୍ଦେଶ ପ୍ରଦାନ କରୁଥିବା ଆଧ୍ୟାତ୍ମ ଜଗତର ସୂର୍ଯ୍ୟ ଅଟନ୍ତି ଏବଂ ତାଙ୍କ ନିକଟରେ ହିଁ ବ୍ରହ୍ମବିଦ୍ୟାର ବାସ୍ତବିକ ସ୍ୱରୂପର ଜ୍ଞାନ ଅଛି । ଅତଏବ ସଦ୍‌ଗୁରୁଙ୍କର ବଚନ ହିଁ ଶବ୍ଦପ୍ରମାଣ ଅଟେ ଏବଂ ସେ ସଂସାରର କଲ୍ୟାଣ ନିମିତ୍ତ ନିର୍ଭ୍ରାନ୍ତ ବଚନ ଅଟନ୍ତି । ଜୀବମାନଙ୍କର କଳ୍ପିତ ବାଣୀ ଶବ୍ଦପ୍ରମାଣ ହୋଇ ନ ପାରେ । ଜୀବ ବ୍ରହ୍ମପ୍ରାପ୍ତି କରି ମଧ୍ୟ ସଦ୍‌ଗୁରୁ ହୋଇ ପାରେ ନାହିଁ । ସଦ୍‌ଗୁରୁ ଶ୍ରୁତ-ଜ୍ଞାନ-ପ୍ରବାହୀ ତଥା ବିଶିଷ୍ଟ ଆତ୍ମା ହୋଇଥାନ୍ତି । ପ୍ରାଚୀନ କାଳରେ ମଧ୍ୟ ସମସ୍ତ ଋଷି, ମୁନି ଅଥବା ଯୋଗୀ ସଦ୍‌ଗୁରୁ ପଦାସୀନ ନ ଥିଲେ । ଯେଉଁମାନଙ୍କୁ ନିତ୍ୟ ଅନାଦି ସଦ୍‌ଗୁରୁଙ୍କର ଜ୍ଞାନଧାରା ପ୍ରାପ୍ତ ହେଉଥିଲା ସେମାନେ ହିଁ ପୁରୁଷ ବ୍ରହ୍ମବିଦ୍ୟାର ଆଚାର୍ଯ୍ୟ ସଦ୍‌ଗୁରୁ ପଦରେ ପୂଜ୍ୟ ଏବଂ ମାନନୀୟ ହେଉଥିଲେ । ସେଥିପାଇଁ ବ୍ରହ୍ମବିଦ୍ୟାର ଆଦି ପ୍ରଚାରକ ନିତ୍ୟ ଅନାଦି ସଦ୍‌ଗୁରୁଙ୍କର ବାଣୀ ହିଁ ଯଥାର୍ଥ ଏବଂ ନିର୍ଭ୍ରାନ୍ତ ଶବ୍ଦ ପ୍ରମାଣ ଅଟେ । ସେହି ନିତ୍ୟ ଅନାଦି ସଦ୍‌ଗୁରୁଙ୍କର ଜ୍ଞାନଧାରା ଯେଉଁ ଆତ୍ମାମାନଙ୍କରେ ପ୍ରବାହିତ ହୁଏ, ସେମାନେ ହିଁ ସଦ୍‌ଗୁରୁ ପଦରେ ବିରାଜମାନ ହୋଇଥାନ୍ତି । ସେଥିପାଇଁ ଏହି ପଦରେ ନିତ୍ୟ ଅନାଦି ସଦ୍‌ଗୁରୁ ସୁକୃତଦେବଙ୍କର ବାଣୀକୁ ହିଁ ଗ୍ରନ୍ଥକାର ଶବ୍ଦ ପ୍ରମାଣ ବୋଲି ଘୋଷଣା କରିଛନ୍ତି ।

**ଅଲଗ ଶବ୍ଦ ଯୋ ଓ୍ୱଚନ ହୈ, କଳ୍ପିତ ଜୀଓ୍ୱନ ଜାନ ।**
**ମୋହ ବନ୍ଧ ଜୀଓ୍ୱନ କରେ, ତ୍ୟାଗୋ ଭ୍ରମ ଦୁଖ ମାନ ॥୨୭॥**

ଭାଷ୍ୟ - ନିତ୍ୟ ଅନାଦି ସଦ୍‌ଗୁରୁଙ୍କର ଶବ୍ଦ ପ୍ରମାଣ ଅତିରିକ୍ତ ଜୀବମାନଙ୍କର ଯେଉଁ ବାଣୀ ଅଛି, ସେ ସମସ୍ତ କଳ୍ପିତ ଏବଂ ଭ୍ରମଯୁକ୍ତ ଜ୍ଞାନ ଅଟେ, ଯାହା ଦ୍ୱାରା ଜୀବନ ମୋହ-ଭ୍ରମରେ ପଡ଼ିଥାଏ । ସେଥିପାଇଁ ଜୀବମାନଙ୍କର କଳ୍ପିତ ଏବଂ ଭ୍ରମଯୁକ୍ତ ବାଣୀକୁ ଦୁଃଖଦାୟୀ ମନେକରି ତ୍ୟାଗ କରନ୍ତୁ ଏବଂ ସଦ୍‌ଗୁରୁଙ୍କର ବାଣୀ ଉପରେ ପୂର୍ଣ୍ଣ ବିଶ୍ୱାସ ରଖି ନିର୍ଭ୍ରାନ୍ତ ହୋଇ ଆଧ୍ୟାତ୍ମ ପଥରେ ଅଗ୍ରସର ହୁଅନ୍ତୁ ।

**ଶବ୍ଦ ନିରୂପଣ କର ହୈଁ, ମନ ମାୟା କେ ସାଥ ।**
**ସୋ ଜାନୋ ମନ କଳ୍ପନା, ନଗ୍ନା ସନ୍ତ ସନାଥ ॥୨୮॥**

ଭାଷ୍ୟ - ଯିଏ ମାୟା ମଣ୍ଡଳରେ ବସି, ମନକୁ ନେଇ ସତ୍ୟର ନିର୍ଣ୍ଣୟ କରେ, ସେ ମନର ସମସ୍ତ କଳ୍ପନାଗୁଡ଼ିକୁ ଜାଣିବା ଉଚିତ । ଯେତେବେଳେ ମନ ମାୟାକୁ ତ୍ୟାଗ କରେ ଏବଂ ପ୍ରକୃତିପାର ଚେତନ ଧାରା ଆତ୍ମାରେ ପ୍ରକଟ ହୁଏ, ସେତେବେଳେ ସେହି ଶବ୍ଦାମୃତ




ବ୍ରହ୍ମପ୍ରଭାରୁ ପ୍ରକାଶିତ ଯୋଗୀ ଯଥାର୍ଥ ସତ୍ୟର ନିରୂପଣ କରେ । ସତ୍ୟର ଯଥାର୍ଥ ନିର୍ଣ୍ଣୟ ଯୋଗ ଦ୍ୱାରା ପ୍ରକୃତିର ଆବରଣ ଟଳି ଗଲାପରେ ଜ୍ଞାନସ୍ୱରୂପ ପରଂବ୍ରହ୍ମଙ୍କର ପ୍ରକାଶ ପ୍ରାପ୍ତ ହେବା ପରେ ହୋଇଥାଏ, କାହିଁକି ନା ସେହି ପରଂବ୍ରହ୍ମ ସମସ୍ତ ଜ୍ଞାନର ଆଧାର ଏବଂ କାରଣ ଅଟନ୍ତି ।

**ଦିବ୍ୟ ଦୃଷ୍ଟି ଚେତନ ବନେ, ଦୋ ଜଡ଼ ଗୋଲକ ତ୍ୟାଗ ।**
**ଏକ ତାର କର ଗଗନ ମେଁ, ଦେଖୋ ଶବ୍ଦ ସୁରାଗ ॥୨୯॥**

ଭାଷ୍ୟ - ଦୁଇ ଜଡ଼ କରଣକୁ ଛାଡ଼ି ଦିବ୍ୟ ଚେତନ ଦୃଷ୍ଟିରେ ଏକ ସ୍ୱରୂପ ହୋଇ ଚିଦାକାଶରେ ମଧୁର ଶବ୍ଦାକାର ପରଂବ୍ରହ୍ମଙ୍କୁ ପ୍ରତ୍ୟକ୍ଷ ଅନୁଭବ କରନ୍ତୁ ।

**ଚକ୍ଷୁ କେ ଚେତନ କରଣ କୋ, ଏକ ମେଁ ଲେହୁ ମିଲାୟ ।**
**ଉର୍ଦ୍ଧ୍ୱ ଭୁମି କୋ ଚଢ଼ି ସକୋ, ଅନ୍ୟ ନ କୋୟ ଉପାୟ ॥୩୦॥**

ଭାଷ୍ୟ - ଆତ୍ମାର ଜଡ଼ ଏବଂ ଚେତନ ଦୁଇ କରଣ ହୋଇଥାଏ । ଆତ୍ମା ଶୁଦ୍ଧ ସ୍ୱରୂପରେ ନିଜ ନିତ୍ୟ କରଣମାନଙ୍କ ଦ୍ୱାରା ପ୍ରକୃତିପାର ପରଂବ୍ରହ୍ମଙ୍କ ଆନନ୍ଦ ଉପଭୋଗ କରେ । ପ୍ରକୃତିରେ ଜଡ଼ କରଣମାନଙ୍କ ଦ୍ୱାରା ବାହ୍ୟ ଜଗତର ବିଷୟଗୁଡ଼ିକର ଉପଭୋଗ ହୋଇଥାଏ । ଯେତେବେଳେ ଚେତନ କରଣ ଦ୍ୱାରା ବାହ୍ୟ କରଣର ସମ୍ବନ୍ଧ ହୁଏ, ସେତେବେଳେ ପ୍ରକୃତିର ସମସ୍ତ ବିଷୟଗୁଡ଼ିକର ଜ୍ଞାନ ହୋଇଥାଏ । ବିଦେହ ମୁକ୍ତିରେ ପ୍ରକୃତି ଜୀବଠାରୁ ଭିନ୍ନ ହୋଇଯାଏ ଏବଂ ସେହି ସମୟରେ ନିଜ ସମସ୍ତ ଚେତନ ଶକ୍ତି ବଳରେ ସେ କେବଳ ପରଂବ୍ରହ୍ମଙ୍କ ଅନୁଭବ କରିଥାଏ । ସେହି ସମୟରେ ତାହାର ପ୍ରାକୃତିକ କରଣ ରହେ ନାହିଁ । ଯେତେବେଳେ ଚେତନ ଆତ୍ମା ତାହାର ଚକ୍ଷୁର ଚେତନ କରଣ ଯେଉଁଥିରେ ଏହି ଜଡ଼ ଚକ୍ଷୁ ବାହ୍ୟ ଦୃଶ୍ୟପଟକୁ ଦେଖେ, ତାକୁ ନିଜ ସୁରତି ସହିତ ଏକରେ ମିଶେଇ ଉର୍ଦ୍ଧ୍ୱ ଭୂମିକୁ ଚଢ଼ିଚାଲେ, ସେତେବେଳେ ଚେତନ ଆନନ୍ଦର ଦୃଶ୍ୟ ଏବଂ ତାହାର ଆନନ୍ଦ ଅନୁଭବରେ ପ୍ରାପ୍ତ ହୁଏ । ଏହି କଳା ଅତିରିକ୍ତ ଉର୍ଦ୍ଧ୍ୱ ଭୂମିକୁ ଚଢ଼ିବା ପାଇଁ ଅନ୍ୟ କୌଣସି ଉପାୟ ନାହିଁ । ଅର୍ଥାତ୍ ଆତ୍ମିକ ଶକ୍ତିକୁ ସମସ୍ତ ଦେହ ସଂଘାତରୁ ପୃଥକ୍ କରି ସଦ୍‌ଗୁରୁ ତତ୍ତ୍ୱଜ୍ଞାନ ଦ୍ୱାରା ନିଜ ପ୍ରଦେଶରେ ଅଗ୍ରସର ହୁଅନ୍ତୁ, ତେବେ ଆଧ୍ୟାତ୍ମର ଉଚ୍ଚ ଶିକ୍ଷା ପ୍ରାପ୍ତ ହେବ । ଏହା ସତ୍‌ମାର୍ଗରେ ଚାଲିବାର ସଦୁପାୟ ଅଟେ ।

**ମହି ସମାନ ସାଧୂ ରହେଁ, ଗୁଣ ଆପନ ନହିଁ ଜାନ ।**
**ତବହିଁ ସନ୍ତ ପଦ ବନତ ହୈ, ସର୍ଓ୍ୱ ଜ୍ଞାନ ଗୁଣ ଖାନ ॥୩୧॥**

ଭାଷ୍ୟ - ପୃଥିବୀ ସମସ୍ତ ରତ୍ନମାନଙ୍କର ଖଣି ଅଟେ । ତାହାରି ଭିତରୁ ସମସ୍ତ ରତ୍ନ ଏବଂ ଧନ ପ୍ରାପ୍ତି ହୁଏ । ସମସ୍ତ ରତ୍ନକୁ ପୃଥିବୀ ଗୁପ୍ତରେ ରଖିଥାଏ, ହେଲେ ମଧ୍ୟ ନିଜ ମହିମାକୁ ଜାଣି ନ ପାରି ଜଡ଼ ଭାବରେ ରହେ । ସେହି ପ୍ରକାର ଅନୁଭବୀ ସନ୍ଥ ନିଜ ମହିମାକୁ ଜାଣି ସୁଦ୍ଧା ସଂସାରରେ ନିଜ ମହତ୍ତ୍ୱକୁ ନ ଜାଣି ପ୍ରଭୁଙ୍କର ଶରଣରେ ଦୀନ ଏବଂ ଅଧୀନ ହୋଇ ତାଙ୍କର ଭକ୍ତିରେ ଲାଗି ରହେ । ପ୍ରଭୁଙ୍କର ମହିମାକୁ ହିଁ ନିଜ ମହିମା ବିବେଚନା କରି ଦିବାନିଶି ସଂସାର ପ୍ରତି ଉଦାସୀନ ରହି ପ୍ରଭୁ ଭଜନରେ ଲାଗିରହେ । ସନ୍ଥକୁ ବାହ୍ୟ ଏବଂ ଆଭ୍ୟନ୍ତର ତଥା ଜଡ଼ ଏବଂ ଚେତନ ଏ ସମସ୍ତ ତତ୍ତ୍ୱର ଅନୁଭବ ବୋଧ ହୋଇଥାଏ । ସର୍ବଜ୍ଞାନ ଯୋଗୀ ସଂସାରରେ ସନ୍ଥମାନଙ୍କର ଦ୍ୱାରା ହିଁ ପ୍ରକଟ ହୋଇଥାନ୍ତି, ସେଥିପାଇଁ ସର୍ବଜ୍ଞାନ ଏବଂ ଗୁଣର ଖଣି ବୋଲି ସନ୍ଥକୁ କୁହାଯାଇଛି । ସଂସାରରେ ସବୁଠାରୁ ଉଚ୍ଚ ପଦ ସନ୍ଥର ହୋଇଥାଏ ଏବଂ ଆଧ୍ୟାତ୍ମିକ ଜଗତରେ ବ୍ରହ୍ମବିଦ୍ୟାର ସମସ୍ତ କଳାର ଜ୍ଞାତା ଏବଂ ସର୍ବଦ୍ରଷ୍ଟାର ପଦ ସନ୍ଥଠାରୁ ମଧ୍ୟ ଶ୍ରେଷ୍ଠ ଅଟେ । ଜଣେ ସଦ୍‌ଗୁରୁଙ୍କ ଠାରୁ ଅନେକ ସନ୍ଥ ସୃଷ୍ଟି ହୋଇଥାନ୍ତି । ସେଥିପାଇଁ ସନ୍ଥ ମଧ୍ୟରେ ସଦ୍‌ଗୁରୁ ଏବଂ ପ୍ରଭୁଙ୍କ ବିମଳ ଆଭା ଆସିଥାଏ, ଯେଉଁଥିରୁ ସନ୍ଥ ଭିତରେ ଅନେକ ଜ୍ଞାନ, ବିଜ୍ଞାନ, ଯୋଗ ସମାଧି ଅବସ୍ଥାରେ ସ୍ୱତଃସ୍ଫୁର୍ତ୍ତ ଭାବରେ ପ୍ରାପ୍ତ ହୋଇଯାଏ । ଏଭଳି ଜ୍ଞାନ ଏବଂ ଗୁଣ ଥାଇ ସୁଦ୍ଧା ସନ୍ଥଜନ ନିଜ ମହିମା ଗାନ ନ କରି କେବଳ ସେହି ପରମପ୍ରଭୁଙ୍କର ମହିମା ଗାନ କରିଥାନ୍ତି ଏବଂ ସେଥିରେ ସର୍ବଦା ନିମଗ୍ନ ରହିଥାନ୍ତି । ସେଥିପାଇଁ ପୃଥିବୀ ସମାନ ସମସ୍ତ ଗୁଣ ଏବଂ ଜ୍ଞାନକୁ ନିଜ ଭିତରେ ରକ୍ଷା କରିବା ସନ୍ଥମାନଙ୍କର ବିଶେଷ ମହିମା ଅଟେ । ବ୍ରହ୍ମବିଦ୍ୟାର ଗୋପନୀୟ ମହତି ଶକ୍ତିକୁ ପ୍ରାପ୍ତ କରି ମଧ୍ୟ ଯିଏ ଅନ୍ତର ମଧ୍ୟରେ ସର୍ବଦା ନିରତ ଅଟନ୍ତି ଏବଂ ନିଜ ମହିମା ବିଷୟରେ ମଧ୍ୟ ଜାଣନ୍ତି ନାହିଁ, ସେ ହିଁ ସନ୍ଥ ପଦ ପ୍ରାପ୍ତ ହୁଅନ୍ତି ଏବଂ ନିଜର ସର୍ବଗୁଣ ଦ୍ୱାରା ପ୍ରକାଶମାନ ହୋଇ ସୁଶୋଭିତ ହୋଇଥାନ୍ତି । ଅତଏବ ସନ୍ଥପଦ ସର୍ବଶ୍ରେଷ୍ଠ ଏବଂ ପୂଜନୀୟ ଅଟେ ।

**ମଲ ନ ଦୋଷ ଦୁର୍ଗୁଣ ରହିତ, ନିର୍ମଲ ଦର୍ପଣ ଭାନ ।**
**ପ୍ରଭୁ ଅଧିକାରୀ ମିଲନ କା, ବ୍ୟର୍ଥ କଥନ ଭ୍ରମ ଜାନ ॥୩୨॥**

ଭାଷ୍ୟ - ଯେଉଁ ପ୍ରକାର ନିର୍ମଳ, ଶୁଦ୍ଧ ଏବଂ ସ୍ୱଚ୍ଛ ଦର୍ପଣରେ ନିଜ ଚିତ୍ର ସ୍ପଷ୍ଟ ଦେଖାଯାଏ ସେହି ପ୍ରକାର ସମସ୍ତ ଦୋଷ ଏବଂ ଦୁର୍ଗୁଣଶୂନ୍ୟ ଅଧିକାରୀ ଆତ୍ମା ସହିତ ପ୍ରଭୁଙ୍କ ମିଳନ ଅର୍ଥାତ୍ ପ୍ରାପ୍ତି ହୋଇଥାଏ । ଏତଦ୍ ଭିନ୍ନ ଅନ୍ୟ କଥା ବ୍ୟର୍ଥ ଏବଂ ଭ୍ରମ ଅଟେ ଅର୍ଥାତ୍ ଅଧିକାରୀର ଏକମାତ୍ର ସର୍ବ ଦୋଷ-ଦୁର୍ଗୁଣ ଶୂନ୍ୟ ହୋଇଗଲେ ସ୍ୱତଃ ଭାବରେ ସମସ୍ତ ଆଧ୍ୟାତ୍ମିକ ଶକ୍ତିକୁ ପ୍ରାପ୍ତ କରିବାର ଗୁଣ ଆସିଯାଏ । ଏବେ ତାହାକୁ ଅନ୍ୟ କୌଣସି ପ୍ରକାରର ଗୁଣ ପ୍ରାପ୍ତ କରିବାର ବ୍ୟର୍ଥ ଚିନ୍ତା ରଖିବାକୁ ପଡ଼େ ନାହିଁ । ଯେତେବେଳେ ଜିଜ୍ଞାସୁକୁ ପ୍ରଭୁପ୍ରାପ୍ତି କରିବାର ଇଚ୍ଛା ଉଦୟ ହୁଏ, ସେତେବେଳେ ତାହାର ସମସ୍ତ ଦୋଷ ଏବଂ ଦୁର୍ଗୁଣ କ୍ରମଶଃ ଦୂର ହେବାରେ ଲାଗେ ଏବଂ ସେ ଆଗକୁ ସତ୍‌ମାର୍ଗରେ ଅଗ୍ରସର ହେବାରେ ଲାଗେ ଯେମିତି ବସନ୍ତ ଋତୁର ଆଗମନରେ ସ୍ୱାଭାବିକ ପୁରୁଣା ଏବଂ ନୂଆଁ ବୃକ୍ଷରେ ରସ ଆସିବା ଦ୍ୱାରା ସେମାନେ ପଲ୍ଲବିତ ଏବଂ ପୁଷ୍ପିତ ହେବାରେ ଲାଗନ୍ତି ।

## ଘିକୁଆଁରୀର ଉପକାରିତା

ହିନ୍ଦୀରେ ଘୃତକୁଆଁରୀ ଓ ଗଣ୍ଡକୁଆଁରୀ କହନ୍ତି । ମରାଠୀ ଭାଷାରେ କୋଫଡ, ପଞ୍ଜାବୀ ଭାଷାରେ ଘିଁକାଉର, ତାମିଲରେ ଛୋଟୁ କୁହାଯାଏ । ଓଡିଆରେ ଘିଅକୁଆଁରୀ ଓ ଘିକୁଆଁରୀ କହିଥାନ୍ତି । ଉତ୍ତରଭାରତର ବିଭିନ୍ନ ରାଜ୍ୟରେ କୁଆଁରପତ୍ତା, ଘ୍ୟାରପତ୍ତା ଆଦି ନାମରେ କଥିତ ହୋଇ ଆସୁଛି । ଏହାର ରସ ସବୁଜ, ଗନ୍ଧହୀନ । ସାମାନ୍ୟ ତିକ୍ତ ଗୁଣ ବିଶିଷ୍ଟ ରସ ବିଭିନ୍ନ ରୋଗରେ ଫଳପ୍ରଦ । ଏଥିରେ ଏଲୋଇନ୍, ବାର୍ବାଲୋନ୍, ପେକଟିନ୍, ଗ୍ଲୁକୋମାନାନ, ଏକେମାନାନ୍, ପ୍ରଭୃତି ରାସାୟନିକ ତତ୍ତ୍ୱ ରହିଛି । ଏହା ବ୍ୟତୀତ ଆମିନୋଏସିଡ୍, ଇନଜାଇମ୍, ଷ୍ଟେରୋଲସ ତଥା ଲିପିଡସ ମଧ ଭରପୁର ରହିଛି । ଲିଗନିନ୍, ସାପୋଲିନ, ଟାନିନସହ ଆନ୍ଥ୍ରୋ କୁଇନନ୍ସ ମଧ ଅଛି । ଏହାର ରସ ଦୁର୍ଗନ୍ଧ ନିବାରକ । ମାକକ୍ରୋ ବିଡ଼ଲ ହେତୁ ଚର୍ମଦଳାରେ ବ୍ୟବହାର ହୁଏ । ଏହାର ରସକୁ ସୂର୍ଯ୍ୟ କିରଣରେ ଶୁଖାଇଲେ ମାଟିଆ କଳାରଙ୍ଗ ହୁଏ । ଶୁଖିଥିବା ରସକୁ ମୁସାବରା କୁମାରୀ ସାର କହନ୍ତି । ମୁସାବର ଏକ ୟୁନାନୀ ଔଷଧ । ରସରେ କଳା ଖଇର, ଲୌହଚୂର୍ଣ୍ଣ ସହ ଆଲକହଲରେ ଦ୍ରବିଭୂତ କଲେ କଫିରଙ୍ଗ ବା କୃଷ୍ଣବର୍ଣ୍ଣ ଧାରଣ କରେ । ତଳି ପେଟ ରୋଗ ନିମନ୍ତେ ମୁସାବର ବ୍ୟବହୃତ ହୋଇଆସୁଛି । କୌଣସି ସ୍ଥାନ ପୋଡିଗଲେ ବା କଟିଗଲେ ପ୍ରାଥମିକ ଚିକିତ୍ସା ଭାବେ ଏହାର ରସକୁ ଆକ୍ରାନ୍ତ ସ୍ଥାନରେ ପ୍ରୟୋଗ କଲେ ଆଶୁ ଉପଶମ ହୁଏ । ଅଂଶୁଘାତ ଯୁକ୍ତ ଜ୍ୱଳନ, ମଥାପୋଡ଼ା ଜ୍ୱଳ ଉପଶମ ନିମନ୍ତେ ଏହାର ରସ ମାଲିସ କଲେ ତୁରନ୍ତ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ । ଏହା ବିଶେଷ ଜଳ ଆବଶ୍ୟକ କରୁ ନଥିବାରୁ ଫୁଲଗଛ ସହ ଶୋଭାବର୍ଦ୍ଧନ କରିଥାଏ ।

ଦିନକୁ ଦିନ ଏହାର ଅନେକ ନୂତନ ଔଷଧୀୟ ଗୁଣ ସମ୍ପର୍କରେ ଗବେଷକଗଣ ନୂଆଁ ନୂଆଁ ତଥ୍ୟ ପ୍ରଦାନ କରି ଆସୁଥିବାରୁ ଆୟୁର୍ବେଦିକ, ହୋମିଓପ୍ୟାଥି ଓ ଡାକ୍ତରୀ ଔଷଧରେ



ମଧ ଏହାର ସ୍ଥାନ ଧିରେ ଧିରେ ବଢ଼ିବାରେ ଲାଗିଛି । ଏହାର ଜୁସ୍ ବିଷାକ୍ତ ଖାଦ୍ୟ ଜନିତ ସମସ୍ୟା ଦୂର କରିଥାଏ । ଫଳରେ ଫୁଡ୍ ପଏଜନିଂକୁ ରୋକିବାରେ ଏହି ଗୁଳ୍ମଟି ସମର୍ଥ ।

ଏଲୋଭେରା ଅମରତ୍ୱ ପ୍ରଦାନ କରେ ବୋଲି ସମ୍ଭବତଃ ମିଶରର ପିରାମିଡ ଗୁଡିକରେ ହଜାର ହଜାର ବର୍ଷ ପୂର୍ବେ ସ୍ଥାନ ପାଉଥିଲା । ମୃତ ଫାରୋମାନଙ୍କ ଶରୀରରେ ଅନ୍ୟ ରାସାୟନିକ ସହ ଘୃତକୁମାରୀ ରସର ମଧ ପ୍ରୟୋଗ ହେଉଥିବା ଜଣାଯାଏ । ନୀଳନୟନା ରାଣୀ କ୍ଲିଓପେଟ୍ରା ରକ୍ତ, କ୍ଷୀର ସହ ଏଲୋଭେରା କ୍ରିମରେ ସାରା ଜୀବନ ସ୍ନାନ କରି 'ସୁନ୍ଦରୀ' ହୋଇଥିଲେ ବୋଲି ଜନଶ୍ରୁତି ରହିଛି । ଚିକିତ୍ସକ ଚରକ ଓ ଶୁଶ୍ରୁତ ମଧ ଏଲୋଭେରା ବ୍ୟବହାର କରୁଥିଲେ । ଏହାର ତିକ୍ତ ରସ ଉତ୍ତାପହାରକ ଭାବେ ବ୍ୟବହାର ହୋଇ ଆସୁଥିଲା ।

ମରୁ ପଥିକ ଧୁ ଧୁ ମରୁରେ ବୁଲୁବୁଲୁ ଏହି ଗଛର ନିକଟତର ହେଲେ ନବଜୀବନ ଲାଭ କରୁଥିଲା । ଏହାର ରସ ଭୋକ ସହ ତୃଷାକୁ ମଧ ନିବାରିତ କରିପାରୁଥିଲା । ମୃଗତୃଷ୍ଣା ରକ୍ଷା କରିପାରୁଥିବା ହେତୁ ଏହାକୁ 'ମରୁପୀୟୂଷ' କହିଥାନ୍ତି । ବୃଦ୍ଧମାନେ ଏହାକୁ ବ୍ୟବହାର କରି କୁମାରୀ ହେଉଥିବାରୁ ସମ୍ଭବତଃ ଏହାର ନାମ ରହିଛି 'ଘୃତକୁମାରୀ' ଏହାର ରସ ଘୃତ ସଦୃଶ୍ୟ ଅଟେ । ଏହାର ବ୍ୟବହାର ଦିନକୁ ଦିନ ବଢ଼ି ବଢ଼ି ଯାଉଛି ତେଣୁ କେହି କେହି ଏହାକୁ 'ଏ ଯୁଗର ବିଶଲ୍ୟ କରଣୀ' ବୋଲି କହିବାକୁ ଆରମ୍ଭ କଲେଣି । ଏଣୁ ଗବେଷକ ଗଣ ତୁରନ୍ତ ଏହାର ଗୁଣ ଗୁଡିକ ସମ୍ପର୍କରେ ନୂତନ ତଥ୍ୟ ବାହାର କରି ଏହାର ପ୍ରୟୋଗ ହେଲେ ବହୁ ରୋଗରୁ ଉପଶମ ମିଳିବା ନିଶ୍ଚିତ । ଘରେ ଘରେ ବହୁତ ପରିମାଣରେ ଘୃତକୁମାରୀ ଗଛ ମାଟି କୁଣ୍ଡରେ କେବଳ ସଜାଇ ନ ରଖି ତା'ର ଔଷଧୀୟ ଗୁଣଗୁଡିକୁ ପ୍ରୟୋଗ କରିବା ଉଚିତ ଘୃତ କୁମାରୀ ଚେହେରା ଜନିତ ସମସ୍ତ ସମସ୍ୟା ନିବାରଣ କରିବା ପାଇଁ ରାମବାଣ ସଦୃଶ ଅଟେ ।

## ଜୁସ୍ ପିଇ ସୁସ୍ଥ ରୁହନ୍ତୁ

ଶୀତ ଆସି ଋତୁ ଆସି ପହଞ୍ଚି ଗଲାଣି । ଏବେ ଋତୁ ପରିବର୍ତ୍ତନ ହୋଇଥିବା ହେତୁ ବିଭିନ୍ନ ରୋଗ ସଂକ୍ରମଣ ଯୋଗୁଁ ସର୍ଦ୍ଦି ଥଣ୍ଡା ଆଦି ରୋଗର ଆଶଙ୍କା ରହିଛି । ଯେଉଁ ବ୍ୟକ୍ତିଙ୍କ ରୋଗ ପ୍ରତିରୋଧକ ଶକ୍ତି କମ୍ ଏମାନେ ଖୁବଶୀଘ୍ର ସର୍ଦ୍ଦିରୋଗରେ ଆକ୍ରାନ୍ତ ହେବାର ଭୟ ରହିଛି । ଏଭଳି ରୋଗରୁ ମୁକ୍ତି ପାଇବା ନିମନ୍ତେ ଘରେ ପ୍ରସ୍ତୁତ ଜୁସ୍ ସେବନ କରି ରୋଗ କବଳରୁ ରକ୍ଷା ପାଆନ୍ତୁ ।



କଖାରୁ ଶରୀର ପାଇଁ ଖୁବ୍ ଲାଭଦାୟକ । ହୁଏତ ଏହାର କୌଣସି ସ୍ୱାଦ ନାହିଁ । କିନ୍ତୁ ଇମ୍ୟୁନିଟୀକୁ ବଢ଼ାଇବା ପାଇଁ ଖୁବ୍ ଲାଭପ୍ରଦ ତେଣୁ ଆପଣ କଖାରୁକୁ କାଟି ଏହାକୁ ଜୁସ୍ କରି ସେବନ କରିପାରିବେ ।

ଏଥି ସହିତ ଲାଉ ଜୁସ୍ ପେଟ ପାଇଁ ରାମବାଣ ସଦୃଶ । ପ୍ରାୟ ୯୦ ପ୍ରତିଶତ ବେମାରୀ ପେଟରୁ ଜନ୍ମ ହୋଇଥାଏ । ତେଣୁ ପେଟକୁ ସୁସ୍ଥ ରଖିବା ପାଇଁ ଘରେ ଲାଉ ଜୁସ୍ ପିଅନ୍ତୁ ।

ଗାଜରର ରୋଗ ପ୍ରତିରୋଧକ କ୍ଷମତା ଅଧିକ ରହିଛି । ଏଥିରେ ପୋଷକ ତତ୍ତ୍ୱ ଗଚ୍ଛିତ ରହିଛି ତେଣୁ ଶରୀରକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଆପଣ ଘରେ ଗାଜର ଜୁସ୍ ପ୍ରସ୍ତୁତ କରି ପିଅନ୍ତୁ ।

ଟମାଟର ଜୁସ୍ ବା ସୁପ୍ ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ହୋଇଥାଏ । ଏହାର ଜୁସ୍ କିମ୍ବା ସୁପ୍ ଅଧିକ ପରିମାଣରେ ପିଇପାରିବେ । ଏହାକୁ ସେବନ କରିବା ଫଳରେ ଇମ୍ୟୁନିଟୀ ସିଷ୍ଟମ ମଜବୁତ ହୋଇଥାଏ ତଥା ସଂକ୍ରମଣରୁ ରକ୍ଷା କରିବାରେ ସହାୟକ ହୋଇଥାଏ ।

## ଆପଣ ଜାଣନ୍ତି କି ?

- ନ୍ୟାୟ ଦର୍ଶନ ଗୌତମ ପ୍ରତିଷ୍ଠା କରିଥିଲେ ।
- ମହର୍ଷି କଣାଦ ବୈଶେଷିକ ଦର୍ଶନ, ମହର୍ଷି କପିଳ ସାଂଖ୍ୟ ଦର୍ଶନର ପ୍ରତିଷ୍ଠା କରିଥିଲେ ।
- ଏକ ସର୍ଭେ ଅନୁଯାୟୀ ବିଶ୍ୱରେ ସମୁଦାୟ ୬,୫୦୦ ଭାଷା ବ୍ୟବହାର କରାଯାଉଛି ।
- ଉଦ୍ଭିଦଗୁଡିକ ଝାଉଁଳି ପଡିବାର ମୁଖ୍ୟ କାରଣ ହେଉଛି ପ୍ରସ୍ୱେଦନ ।
- ୧୯୮୮ ମସିହାରେ ସିଓଲରେ ଅଲିମ୍ପିକ ଖେଳରେ ପ୍ରଥମ ଥର ପାଇଁ ଟେବଲ୍ ଟେନିସ୍ ଖେଳାଯାଇଥିଲା ।
- ବୁକର୍ ପୁରସ୍କାର ବିଶ୍ୱର ସବୁଠାରୁ ବଡ଼ ସାହିତ୍ୟ ପୁରସ୍କାର । ୧୯୬୯ ମସିହାରେ ଏହି ପୁରସ୍କାର ପ୍ରଚଳନ ହୋଇଥିଲା ।
- ସାରା ଭାରତରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସବୁଠାରୁ ବେଶୀ ଶାଖା ପ୍ରତିଷ୍ଠା କରାଯାଇଛି ।
- ଭାରତର ଅନ୍ୟ ରାଜ୍ୟଗୁଡିକ ଠାରୁ ସହରୀ ଲୋକଙ୍କ ସଂଖ୍ୟା ମହାରାଷ୍ଟ୍ରରେ ଅଧିକ ।
- ବହୁ ଚର୍ଚ୍ଚିତ ଉପନ୍ୟାସ 'ଗଡ୍ ଅଫ୍ ସ୍ମଲ୍ ଥିଙ୍ଗସ୍'ର ଲେଖିକା ଅରୁନ୍ଧତି ରାୟ ।
- ହିମାଳୟର ସୃଷ୍ଟି ୪୫ ମିଲିୟନ୍ ବର୍ଷ ପୂର୍ବରୁ ବୋଲି ବୈଜ୍ଞାନିକ ଗବେଷଣାରୁ ଜଣା ପଡିଛି ।
- ସଂସଦର ତଳସଦନ ଲୋକସଭାର ସଦସ୍ୟମାନେ ସିଧାସଳଖ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ।

## କହିପାରିବେ କି ?

୧) ବିଶ୍ୱରେ ସବୁଠୁ ଅଧିକ ବିକ୍ରି ହେଉଥିବା ଇଂରାଜୀ ସମ୍ବାଦପତ୍ରର ନାମ କ'ଣ ?
(୨) 'ବିକଜ୍ ଇଣ୍ଡିଆ କମସ୍ ଫାଷ୍ଟ' ପୁସ୍ତକର ଲେଖକ କିଏ ?
(୩) ଟୋକିଓ ଅଲମ୍ପିକ୍ସ ୨୦୨୧ ସମାପନ ଉତ୍ସବରେ ଭାରତର ଧ୍ୱଜାବାହକ କିଏ ଥିଲେ ?
(୪) 'ଏଲ୍‌ବିଡବ୍ଲୁ'ର କେଉଁ ଖେଳ ସହିତ ସମ୍ପର୍କ ରହିଛି ?
(୫) କୀଚକ ବଧ ମହାଭାରତର କେଉଁ ପର୍ବ ଅଧୀନରେ ଆସିଥାଏ ?
(୬) ବିଶ୍ୱ ସାକ୍ଷରତା ଦିବସ କେବେ ପାଳନ କରାଯାଏ ?
(୭) ମହାକାଳେଶ୍ୱର ମନ୍ଦିର କେଉଁଠାରେ ଅଛି ?
(୮) ଭାରତରେ ନିର୍ମିତ ପ୍ରଥମ ପଞ୍ଜାବୀ ଫିଲ୍ମର ନାମ କ'ଣ ?
(୯) କେଉଁ ଭିଟାମିନ୍‌କୁ 'ସନସାଇନ୍ ଭିଟାମିନ୍' କୁହାଯାଏ ?
(୧୦) 'ଟୋଡା' ଜନଜାତିର ଲୋକ କେଉଁଠାରେ ଦେଖିବାକୁ ମିଳନ୍ତି ?

### JUMBLE WORDS

| | | | |
|---|---|---|---|
| 1) CCHEIT | = | 6) TDOMEH | = |
| 2) MOCNIE | = | 7) METTP | = |
| 3) DUNEP | = | 8) GRTIE | = |
| 4) NOONI | = | 9) OAHLPO | = |
| 5) BHPAUC | = | 10) SOLONE | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.କଟକ, ୨.ଗଙ୍ଗବଂଶର ରାଜତ୍ୱ କାଳ, ୩.ଇନ୍ଦୋର, ୪. ଭାରତ, ସିଙ୍ଗାପୁର ଏବଂ ଥାଇଲାଣ୍ଡ, ୫. ପ୍ରଥମ, ୬. ଚରଣଜିତ୍ ସିଂହ ଚନ୍ନି, ୭. କ୍ରିସ୍ ମୋରିସ୍, ୮. ୯ ଅକ୍ଟୋବର, ୯. ସମ୍ପାତି, ୧୦. ଦେବପ୍ରୟାଗ ।

***Jumble Words*** ର ଉତ୍ତର :-

(1) HEAVY (2) MIMIC (3) HYMNAL (4) BUDGET (5) SNIFF (6) BUDGY (7) METRIC (8) FIBULA (9) ROVER (10) AHEAD.

# ୧୯ ଖଣ୍ଡ ମୌଜାରେ ଥିଲେ ଜଣେ ଅନନ୍ୟ ଭଗୀରଥ

ପ୍ରଫୁଲ୍ଲ କୁମାର ପଣ୍ଡା (ସାମ୍ବାଦିକ)



ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅନ୍ତର୍ଗତ ୧୯ ଖଣ୍ଡ ମୌଜା ରେମତା ଗ୍ରାମରେ ଥିଲେ ଜଣେ ଅନନ୍ୟ ଭଗୀରଥ, ମହାନ ଦେଶପ୍ରେମୀ ଫକୀର ମୋହନ ମିଶ୍ର । ଯଦିଓ ସେ ଆଜି ଆଉ ନାହାନ୍ତି ତଥାପି ତାଙ୍କର ଦେଶ ପ୍ରେମ ଗାଥା, ସମାଜ ପାଇଁ କାର୍ଯ୍ୟଧାରା ଝଙ୍କୃତ ହେଉଛି । ଏହି କର୍ମଯୋଗୀ ଫକୀର ମିଶ୍ର ଏହି ଉପାନ୍ତ ଅଞ୍ଚଳର ଜନ ମାନସର ଅଗୋଚରରେ ନୀତି ଆଦର୍ଶକୁ ଭିତ୍ତିକରି ସେ ମଣିଷ ଗଢୁଥିଲେ । ଏକା ଧାରରେ ସେ ଥିଲେ ଜଣେ ଉତ୍ତମ ସଂଗଠକ, ସମାଜ ସେବୀ, କଳାପ୍ରେମୀ, ଦେଶ ଭକ୍ତ, ନାଟ୍ୟକାର ଯାଦୁକର । ତାଙ୍କର ଜୀବନ ସାଧନା, ସେବା ଓ ସୃଜନକୁ ଏବେ ଏହି ଇଲାକାରେ ଲୋକେ ମନେ ପକାନ୍ତି । ଏବେ ବି ସେ ଚିର ସବୁଜ ।

ସେ କୌଣସି ରାଜା କି ମହାରାଜା ନ ଥିଲେ କିନ୍ତୁ ରାଜାଭଳିଆ ରହୁଥିଲେ । ତାଙ୍କର ଚାଲିରେ ଚାଲିରେ ରାଜକୀୟତା, ଚାହାଣୀରେ ମାଦକତା, କଥାରେ ମଧୁରତା, କାର୍ଯ୍ୟରେ ରୁଚିଶୀଳତା, ବ୍ୟବହାରେ ସଂଯମତା, ଆଉ ସମୁଦାୟରେ ଚଟୁଳ ରସିକତା କଥା ଭାବିଲେ ଯେ କୌଣସି ଲୋକ ମନରେ ଶିହରଣ ଜାତ ହୋଇ ଯାଉଥିଲା । ଜୀବନ ମଞ୍ଚରେ ସେ ଜଣେ ସଫଳ କଳାକାର ଥିଲେ । ତାଙ୍କ ବିଷୟରେ ଏହି ଅଗ୍ରଲେଖାଟି ମୋ କଲମ ଲେଖିବା ବେଳକୁ ମୋ ଆଖି ଆଗରେ ଶତ ଶହ ସ୍ମୃତି ନାଚି ଯାଉଛି । ଏଇ କର୍ମଯୋଗୀଙ୍କ ଯେତେବେଳେ ଦେହାନ୍ତ ହୋଇଗଲା, ତାଙ୍କୁ ବ୍ୟାଣ୍ଡବାଜା ବଜାଇ ଯେତେବେଳେ ମଶାଣିକୁ ଜୟଧ୍ୱନୀ ଦେଇ ନିଆଗଲା, ତାଙ୍କ ଦଶାହ ସଭାରେ କିରିତମାଲ ଗ୍ରାମର ଆଦର୍ଶ ଶିକ୍ଷକ, ତ୍ରାହିକର ମିଶ୍ର, ସରପଞ୍ଚ ତଥା ୧୯ ଖଣ୍ଡ ମୌଜାର ଗୋପବନ୍ଧୁ ଭାସ୍କର ପ୍ରଧାନ ପ୍ରମୁଖ ଏହି ଦେଶଭକ୍ତଙ୍କ ଗୁଣଗାନ କରିଗଲେ ସେ ସମୟର ସବୁ ସ୍ମୃତି ସେମାନଙ୍କ ଠାରୁ ସାଇତି ରଖିଥିଲି । ଆଜି ମୋ କଲମ ତାକୁ କେବଳ ଭାଷାରେ ବର୍ଣ୍ଣିଦିଭା ଦେଉଛି ।

ଇତିହାସରେ ଯଦିଓ ତାଙ୍କ ବ୍ୟକ୍ତିତ୍ୱ ନାହିଁ ତଥାପି, ଏହା ସମସ୍ତେ ଜାଣିବା ଉଚିତ । ସେ ଥିଲା ଘନ ତପସାର ସମୟ । ବ୍ରିଟିଶ ଶାସନର ଶୃଙ୍ଖଳରେ ବନ୍ଧାଥିଲା ଜନଜୀବନ । ଇଂରେଜ ମାନଙ୍କର ବର୍ବର ଅତ୍ୟାଚାରରେ ପୀଡ଼ିତ ଭାରତୀୟ ପ୍ରାଣରେ ଯେଉଁ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ ହେଲା, ତା'ର ଅଗ୍ନିଛିଟା ଓଡ଼ିଶାର ମୁକ୍ତିକାମୀ ସଂଗ୍ରାମୀ ସ୍ୱରରେ କେବେ ସଶସ୍ତ୍ର ସଂଗ୍ରାମ ସଂଗୀତ ହୋଇ ଝଙ୍କୃତ ହେଲା । ସେ ସମୟରେ ବଣମୂଳକରେ ବ୍ୟାପିଗଲା ଦିଗବିଦିଗ । ବିସ୍ମୃତ ବିଦ୍ରୋହୀଙ୍କ ସଂଗ୍ରାମର ସାକ୍ଷୀ ଅନନ୍ୟ ଦେଶଭକ୍ତ, କର୍ମଯୋଗୀ ଫକୀର ମୋହନ ମିଶ୍ର । ତାଙ୍କ ଭିଟାମାଟି । ଏହି କାହାଣୀ ରୋମାଞ୍ଚକର । ଏହି ପଲ୍ଲୀ ଗାଁ ରେମତା । ବହୁ ଅଲୌକିକ ଘଟଣାର ସମାହାର । ଗୋରା ଫଉଜର ଗୋଳା ବାରୁଦକୁ ଭୟକରି ଏହି ପଲ୍ଲୀ ଗାଁ ରେମତାକୁ ସଂଗ୍ରାମୀମାନେ ଅନେକ ଥର ଚାଲି ଆସିଛନ୍ତି । ଦେଶପ୍ରେମୀ ଫକୀର ମିଶ୍ର ଯଦିଓ ସେ ସ୍ୱାଧୀନତା ସଂଗ୍ରାମରେ ସେ ଝାସ ଦେଇ ନାହାନ୍ତି ତଥାପି ପଳାୟନ କରି ଚାଲି ଆସିଥିବା ସଂଗ୍ରାମୀ ମାନଙ୍କୁ ସେ ନିଜ ଘର ଅଗଣାରେ ପାଲଗଦାରେ ଲୁଚାଇ ରଖୁଥିଲେ । ଆଶ୍ରୟ ଦେଉଥିଲେ । ଖାଦ୍ୟ ପେୟ ଯୋଗାଉଥିଲେ । ଗୋରା ପୁଲିସ ଖବର ପାଇ ଫକୀର ମିଶ୍ରଙ୍କ ଘର ଖାନତଲାସୀ ପାଇଁ ଯେତେବେଳେ ତାଙ୍କ ପାଖକୁ ଦୌଡି ଆସୁଥିଲେ ସେ ନିଜ ବନ୍ଧୁକ ଦେଖାଇ ଗୋରା ଫଉଜଙ୍କୁ ଘଉଡ଼ାଇ ଦେଇ ନିଜର ସାହସର ପରିଚୟ ଦେଉଥିଲେ । ତେବେ, ଏହି ମୁକ୍ତି ସଂଗ୍ରାମ ପ୍ରତି ଏହି ଦେଶଭକ୍ତଙ୍କ ମନରେ ଭରି ରହିଥିଲା ଏକ ଅପୂର୍ବ ଶିହରଣ ଓ ଅହେତୁକ ଆକର୍ଷଣ । ଇତିହାସର ଅବହେଳିତ ପୃଷ୍ଠାରେ ସେ ଆଜି ଅମ୍ଳାନ । ଏଥିପାଇଁ ଆମର ସଚେତନତା ହିଁ ବିଶେଷ ପରିମାଣରେ ଦାୟୀ । ମୁକ୍ତି ସଂଗ୍ରାମ ବେଳେ ଗାନ୍ଧିଜୀ ଓଡ଼ିଶା, ବିହାର ଯେଉଁ ଅଞ୍ଚଳକୁ ସଭା ସମିତି ପାଇଁ ଆସୁଥିଲେ ସେ ସେହି ଯାଗାକୁ ପହଞ୍ଚି ଭାଷଣ ଶୁଣୁଥିଲେ । ତାପରେ ସେ ଚିର ତମସା ତୀରେ ତାଙ୍କ ଏହି ପଲ୍ଲୀ ଗାଁକୁ ଫେରି ଆସୁଥିଲେ ।

ତେବେ ଏହି ୧୯ ଖଣ୍ଡ ମୌଜାରେ ସେ ଜଣେ ସମ୍ମାନିତ ବ୍ୟକ୍ତି ଥିଲେ । ତାଙ୍କୁ ଲୋକମାନେ ତାଙ୍କ ପ୍ରଜା ଭଳିଆ ବ୍ୟବହାର ପ୍ରଦର୍ଶନ କରୁଥିଲେ । ସେ ଜଣେ ସଚ୍ଚୋଟ କଂଗ୍ରେସ ଭକ୍ତ ଥିଲେ ।

ସେ ନିୟମିତ ଭାବେ ସମ୍ବାଦପତ୍ର ପଢୁଥିଲେ । ପ୍ରତ୍ୟହ କଟକ, ଗୋପବନ୍ଧୁ ଭବନରୁ ତାଙ୍କ ପାଖକୁ ଡାକଯୋଗେ 'ସମାଜ' ଆସୁଥିଲା ।

ତାଙ୍କ ପଲ୍ଲୀ ଗାଁ ଏହି ରେମତାକୁ ଯେ କୌଣସି ନେତା, ମନ୍ତ୍ରୀ, ଆସିଲେ ତାଙ୍କୁ ପ୍ରଥମେ ସାକ୍ଷାତ କରୁଥିଲେ । ସେମାନଙ୍କ ସହ ତାଙ୍କ ଘରବାରଣ୍ଡାରେ ବସି ୧୯ ଖଣ୍ଡ ମୌଜାର ଚିତ୍ର ଆଙ୍କୁଥିଲେ । ସେ ନେତା ମାନଙ୍କୁ ଉଚିତ ପରାମର୍ଶ ପ୍ରଦାନ କରୁଥିଲେ । ମହୁଲପାଲି ଠାରେ ଉଠା ଜଳସେଚନ ପ୍ରକଳ୍ପ ୧୯ ଖଣ୍ଡ ମୌଜାରେ ଡାକ୍ତରଖାନା କାହିଁକି କରୁନାହିଁ ବୋଲି ତତ୍କାଳୀନ ମନ୍ତ୍ରୀ ଉପେନ୍ଦ୍ର ନାରାୟଣ ଦିକ୍ଷିତ, ସାଂସଦ ପତିତପାବନ ପ୍ରଧାନ, ନଟବର ବନଛୋର ନେତା ପବିତ୍ର ମୋହନ ପ୍ରଧାନ, ଆଦିଙ୍କୁ ତାଙ୍କ ଦରବାଜାକୁ ଆସିଲେ ଗାଳିଗୁଲଜ କରୁଥିଲେ ।

ସେ ବନ୍ଧୁକ ଧରି ନିୟମିତ ସେ ସମୟରେ ବାରପାହାଡ଼ ଜଙ୍ଗଲକୁ ମୃଗୟା ପାଇଁ ଯାଉଥିଲେ । ନଉବତି, ଘର ଯୋତଇ, ରଙ୍ଗମଞ୍ଚ ପ୍ରଚାରରେ ସେ ସମୟରେ ସେ ଅଗ୍ରଣୀ ଭୂମିକା ନିର୍ବାହ କରି ଜନପ୍ରିୟତା ହାସଲ କରିଥିଲେ । କେଉଁଠି ଝଗଡ଼ା ହେଲେ କଳହ ହେଲେ ସେଠି ସେ ଛିଡ଼ା ହୋଇଗଲେ କଳହ ଝଗଡ଼ା ଆପେ ଆପେ ବନ୍ଦ ହୋଇ ଯାଉଥିଲା । ସେ ବହୁ ଅନୁଭୂତିର ବର୍ଣ୍ଣାଳୀରେ ରଂଜିତ । ସେ ଲାଗି ସେ ପୃଥକ ଓ ଅନନ୍ୟ କୁହାଯାଏ । ବିଶ୍ୱ ଏକ ରଙ୍ଗମଞ୍ଚ । ମଣିଷ ଏଠାକୁ ଆସେ ଜୀବନ ନାଟିକାରେ ତାର ଭୂମିକା ନିର୍ବାହ ପାଇଁ । ଜୀବନ ମଞ୍ଚରେ ପ୍ରତି ମଣିଷ ଜଣେ କଳାକାର । ଅଭିନୟ ସରିବା ପରେ ସେ ଫେରିଯାଏ ସ୍ୱର୍ଗର ଗ୍ରୀନରୁମ୍ । ପଛରେ ରହିଯାଏ ଏକ ଅସଫଳ ଜୀବନ ଓ ସ୍ୱପ୍ନର ଅସମାହିତ ଟ୍ରାଜେଡି ।

ତେବେ ଏହି ରଙ୍ଗମଞ୍ଚ ଅନନ୍ୟ ଭଗୀରଥ ଫକୀର ମୋହନ ମିଶ୍ର ରଖିଥିଲେ ନିଜର ଏକ ସ୍ୱୟଂ ରଙ୍ଗମଞ୍ଚ । ରଙ୍ଗର ମାୟା ଅଭିନୟର ଯାଦୁକରୀ ମାୟାରେ ସେଥିରେ ମୋହାଚ୍ଛନ୍ନ । ନିଜେ ତାଙ୍କ ସହଯୋଗୀଙ୍କୁ ନେଇ ଗଠନ କରିଥିଲେ ଏକ ନାଟ୍ୟ ସଂଗଠନ । ସେହି ମଞ୍ଚ ସୌଦାଗର ସେ ସମୟରେ ଆମ ପୂର୍ବପୁରୁଷଙ୍କୁ ଏକାଦ୍ରିକ୍ରମେ ବିନିଦ୍ର ରଜନୀ ବିତାଇବାକୁ ଖୋରାକ ଯୋଗାଇ ଥିଲେ । ଆମ ନାଟ୍ୟ ପରମ୍ପରାକୁ ଦୂର ମୂଳକରେ ପ୍ରସାରିତ କରିଥିଲେ । ମାତ୍ର ଆଜି ସେ ରଙ୍ଗ ଓ ରାଗର ରଙ୍ଗଣୀ, ଫୁଲରୁ ରଂଗ ରାସ ବାସ ହଜିଯାଉଛି । ଏହି ଅନନ୍ୟ ଭଗୀରଥଙ୍କ ରଙ୍ଗମଞ୍ଚ, ଗାନ୍ଧୀ ଭକ୍ତି ଭାବିବାର ପାଦ ପ୍ରଦୀପ ଲିଭି ଯାଇଛି । କିନ୍ତୁ ବଞ୍ଚିଛନ୍ତି ସେ ନଷ୍ଟ ରାଗିଣୀ, ଭ୍ରଷ୍ଟ ବାରେଣୀର ଅଭିଶପ୍ତ ଗନ୍ଧର୍ବଗଣ ।

ସତରେ ଏହି ଭଗୀରଥ ଏହି ଉପାନ୍ତ ଅଞ୍ଚଳରେ ଥିବା ଏହି ପଲ୍ଲୀ ଗ୍ରାମରେ ସେ ଥିଲେ ଅନୁପମ ଶ୍ରଦ୍ଧା ଓ ଏକ ଭିନ୍ନ ପ୍ରତିବିମ୍ବ । ତାଙ୍କର ସ୍ମୃତି ଆଜିବି ଅମ୍ଳାନ । କିନ୍ତୁ ତାଙ୍କର ବୀରତ୍ୱର କାହାଣୀ ଅବାଞ୍ଛିତ, ଅବହେଳିତ । ଇତିହାସରେ ତାଙ୍କର ଚିହ୍ନବର୍ଣ୍ଣ ନାହିଁ । ତଥାପି, ତାଙ୍କର ଗାଥା ଆଗାମୀ ପିଢ଼ିଙ୍କୁ ଦିଗଦର୍ଶନ, ପ୍ରେରଣା ଦେବ ।

ସେ ଜଣେ ଦୃଢ଼ମନା ବ୍ୟକ୍ତି । ସେ ସମୟରେ ତାଙ୍କ ଜୀବିତ ଅବସ୍ଥାରେ ଯାହା କହିବାକୁ ଇଚ୍ଛା କରିଛନ୍ତି, ତାହା ହାସଲ ନ ହେବା ପର୍ଯ୍ୟନ୍ତ ଛାଡି ନାହାନ୍ତି । ତାଙ୍କର ମୃତ୍ୟୁର ଯଦିଓ ଅନେକ ବର୍ଷ ଏହା ଭିତରେ ବିତିଗଲାଣି ତଥାପି ତାଙ୍କର ଦୃଢ଼ତା ଓ ଏକାଗ୍ରତା ପାଇଁ ସେ ଆଜି ଅନନ୍ୟ । ଆମ ଆଗାମୀ ବଂଶଧରଙ୍କ ପାଇଁ ପ୍ରେରଣା ।

ଆମେ ଜାଣିବାରେ ଏ ପରିକି କେହି ତୁଣ୍ଡ ଖୋଲି କହିପାରି ନାହାନ୍ତି ଯେ, ସେ ଥିଲେ କାହା ପ୍ରତି କେବେ ବି ବିମୁଖ । ନିଜ ପାଇଁ ନଇଁ ପଡିବା ନ ଥିଲା ଜାତକରେ । ଆତ୍ମିକ ଆଦର୍ଶ, ମତ ମନର ବଳି ଚଢ଼େଇ ନାହାନ୍ତି ସେ କେବେ କେଉଁଠି । ନେବାରେ ବୋଧହୁଏ ବିଶ୍ୱାସ ନ ଥିଲା ତାଙ୍କର ଦେବାହିଁ ଥିଲା ଜୀବନର ଧର୍ମ । ତାଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି ଓ ଏବେ ବଞ୍ଚିଛନ୍ତି ସେମାନେ ଏହା ତାଙ୍କ ତୁଣ୍ଡରେ ପ୍ରକାଶ କରନ୍ତି । ଆହୁରି ମଧ କେହି କେହି କହନ୍ତି ସେମାନେ ଏହା ତାଙ୍କ ତୁଣ୍ଡରେ ପ୍ରକାଶ କରନ୍ତି । ଆହୁରି ମଧ କେହି କେହି କହନ୍ତି ଏହି ଗାନ୍ଧୀଭକ୍ତ, ଦେଶ ପ୍ରେମୀ ଅନେକ ଅଲିଖିତ ଇତିହାସର ପାଣ୍ଡୁଲିପି । ପରିପୂର୍ଣ୍ଣତା, ଅନ୍ତର୍ଦାହ ସ୍ୱାକ୍ଷର ବହନ କରୁଥିବା ବିବିଧତା ଓ ବିଶାଳତାକୁ ଅନୁଭବି ଲାଗି ତପସ୍ୟା କରିଛନ୍ତି ତାଙ୍କ ବଞ୍ଚିବାର କାଳରେ । ବିଡ଼ମ୍ବିତ ମାନଙ୍କୁ ସୁସୁପ୍ତି ଭାଙ୍ଗିବା ଓ ଜୀବନ ସଞ୍ଚାର ପାଇଁ ଅନେକ ଯାଗା ଘୂରି ବୁଲିଛନ୍ତି । ସେମାନଙ୍କ ପାଇଁ ଆପଣ ଜୀବନକୁ ବାଜି ଲଗେଇଛନ୍ତି । ଏହି ସୃଜନ ସ୍ୱପ୍ନର ଶାଜାନରୀ କାହାରିର ଅଧୀନତା ସ୍ୱୀକାର କରି ନାହାନ୍ତି ।

ତେବେ ଅଶେଷ ସୌରଭାୟିତ ସେଇ ଦେଶଭକ୍ତ ମଣିଷଟି ଆଜି ଅତୀତ । ତାଙ୍କର ସ୍ମୃତିରେ ଏକ ଗ୍ରାମ୍ୟ ପାଠାଗାର ତାଙ୍କ ପଲ୍ଲୀ ଗାଁରେ ପ୍ରତିଷ୍ଠିତ ହେବାକୁ ଯାଉଛି । ସେହି ପ୍ରେରଣାର ବୀଣାକୁ କୋଟି ପ୍ରଣାମ । ସଲାମ ।

**କୁଲୁଥକାନି, ସମ୍ବଲପୁର**

# ସ୍ୱାସ୍ଥ୍ୟ ଓ ତ୍ୱଚା ପାଇଁ ନିମ୍ବ

ଭାରତୀୟ ସଂସ୍କୃତିରେ ନିମ୍ବର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ନିମପତ୍ରରେ ଭରି ରହିଛି ସ୍ୱାସ୍ଥ୍ୟ ଓ ତ୍ୱଚା ପାଇଁ ବହୁ ଔଷଧୀୟ ଗୁଣ । ନିମ୍ବପତ୍ରକୁ ପେଷ୍ଟ କରି ମୁହଁରେ ଲଗାଇ ପାରିବେ ଓ ସତେଜ ନିମ୍ବପତ୍ର ଗଛରୁ ଆଣି ଚୋବାଇ ଖାଇ ପାରିବେ । ଏହାର ଔଷଧୀୟ ଗୁଣକୁ ଦକ୍ଷିଣ ପୂର୍ବ ଏସିଆରେ ବହୁପୂର୍ବରୁ ଗ୍ରହଣ କରା ଯାଇଥିବା ବେଳେ ଏବେ ପାଶ୍ଚାତ୍ୟ ଦେଶମାନେ ମଧ ଧୀରେ ଧୀରେ ସ୍ୱୀକାର କଲେଣି । ଆୟୁର୍ବେଦରେ କୁହାଯାଇଛି ଯେ ନିମ୍ବ ପିତା, କିନ୍ତୁ ନ୍ୟୁରୋମସ୍କୁଲାର ବିକାରକୁ ସନ୍ତୁଳିତ କରିବାରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ । ଏହା ରକ୍ତରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ । ତେଣୁ ନିୟମିତ ନିମ୍ବପତ୍ର ଚୋବାଇବା ଦ୍ୱାରା ଶରୀର ପାଇଁ ବହୁ ଲାଭକାରୀ ହୋଇଥାଏ ।



**ତ୍ୱଚା ପାଇଁ ଉପକାରୀ:** ନିମ୍ବପତ୍ର ଚୋବାଇବା ଦ୍ୱାରା ରକ୍ତରୁ ବିଷାକ୍ତ ପଦାର୍ଥ ବାହାରି ଯାଇଥାଏ, ଯାହା ଫଳରେ ତ୍ୱଚା ଦାଗବିହୀନ ହୋଇଥାଏ । ଏହା ବ୍ୟତୀତ ପତ୍ରରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଯୋଗୁଁ ସଂକ୍ରମଣ ଓ ବିଭିନ୍ନ ପ୍ରକାର ତ୍ୱଚା ସମସ୍ୟା ମଧ ଦୂର ହୋଇଥାଏ । କୁଣ୍ଡିଆ, କୀଟ କାମୁଡିଥିଲେ, ଏଗଜିମା ଆଦି ହୋଇଥିଲେ ନିମ୍ବପେଷ୍ଟ ସହ ହଳଦୀ ମିଶାଇ ବ୍ୟବହାର କଲେ ଉପଶମ ମିଳିବ ।

**ଆଖି :** ଆୟୁର୍ବେଦରେ କୁହାଯାଇଛି ନିମପତ୍ର ଆଖି ପାଇଁ ମଧ ବେଶ୍ ଉପକାରୀ । ନିୟମିତ ନିମ୍ବପତ୍ର ଚୋବାଇବା ଦ୍ୱାରା ଦୃଷ୍ଟିଶକ୍ତି ତୀକ୍ଷ୍ଣ ହୋଇଥାଏ । ଯଦି କୌଣସି ପ୍ରକାର ଜ୍ୱଳନ, ଥକ୍କାପଣ ଓ ଆଖି ଲାଲ୍ ଦେଖାଦିଏ, ତେବେ ନିମ୍ବପତ୍ରକୁ ପାଣିରେ ଫୁଟାଇ ଏହାକୁ ଥଣ୍ଡା କରିବା ପରେ ଆଖି ଧୋଇଦେଲେ ଆରାମ ଲାଗେ ।

**ହଜମ ପ୍ରକ୍ରିୟାକୁ ତୀବ୍ର କରେ :** ନିମ୍ବପତ୍ର ଲିଭର ପାଇଁ ଖୁବ୍ ଭଲ, ଯାହା ହଜମ ପ୍ରକ୍ରିୟାକୁ ବଢ଼ାଇଥାଏ । ନିୟମିତ ନିମ୍ବପତ୍ର ଖାଇବା ଦ୍ୱାରା ମାତ୍ରାଧିକ ବ୍ୟାକ୍ଟେରିଆ ନଷ୍ଟହୋଇ ହଜମ ପ୍ରକ୍ରିୟାକୁ ସହଜ କରିଥାଏ ।

# କରୋନା ନିୟମ ନମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ: ଜିଲ୍ଲାପାଳ



ସମ୍ବଲପୁର : ରାଜ୍ୟର ବିଭିନ୍ନ ସ୍ଥାନ ସହ ସମ୍ବଲପୁରରେ ବର୍ତ୍ତମାନ କରୋନା ପରିସ୍ଥିତି ବିସ୍ଫୋରକ ରୂପ ନେଇଛି । ତେଣୁ କୋଭିଡ୍ ନିୟମ ଉଲଂଘନ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି ।

କୋଭିଡ୍ ସ୍ଥିତିର ମୁକାବିଲା ପାଇଁ ଚାଲିଥିବା ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ପରିଡ଼ା ଏବଂ ଏସ୍‌ପି ବାତୁଲା ଗଙ୍ଗାଧର ମିଳିତ ଭାବେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ପ୍ରଶାସନ ପକ୍ଷରୁ ସଂକ୍ରମଣକୁ ରୋକିବା ପାଇଁ ମାକ୍ସ ବ୍ୟବହାରକୁ ବାଧ କରାଯାଇଛି । ସେହିପରି ସାମାଜିକ ଦୂରତା ନିୟମ ପାଳନ ଉପରେ ଗୁରୁତ୍ୱ ଦିଆଯାଉଛି । ଏନେଇ ସମସ୍ତଙ୍କୁ ସଚେତନ ମଧ କରାଯାଉଛି । ଏଥିପାଇଁ ଯୁଗ୍ମ ଏନ୍‌ଫୋର୍ସମେଣ୍ଟଟିମ୍ ମଧ ଗଠନ ହୋଇଛି । ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଥିଲେ ଯେ, ବର୍ତ୍ତମାନ ଏକ ଘଡିସନ୍ଧି ମୁହୂର୍ତ୍ତ ଦେଇ ଆମେ ଗତି କରୁଛୁ । ସମସ୍ତଙ୍କ ସହଯୋଗରେ ହିଁ ଓମିକ୍ରନ୍ ଭଳି ସମସ୍ୟାର ମୁକାବିଲା କରି ସଂକ୍ରମଣକୁ ରୋକି ପାରିବା । ଯଦି ଘରେ କାହାରି ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେଉଛି ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ବିନା କାରଣରେ ଘରୁ ବାହାରନ୍ତୁ ନାହିଁ । ଘରୁ ବାହାରିଲେ ମାକ୍ସ ବ୍ୟବହାର ନିଶ୍ଚିତ କରନ୍ତୁ । ଦୋକାନ, ବଜାର, ମଲ୍ ତଥା ଅନ୍ୟାନ୍ୟ ସ୍ଥାନରେ ଭିଡ଼ ଜମାନ୍ତୁ ନାହିଁ । ଏନେଇ ଲୋକଙ୍କ ମଧରେ ବ୍ୟାପକ ସଚେତନତା କରାଯାଉଛି । ସବୁକିଛି ଯେଭଳି ଠିକଣା ଭାବେ ପରିଚାଳିତ ହେବ ଏନେଇ ମାଜିଷ୍ଟ୍ରେଟ୍‌ଙ୍କ ନେତୃତ୍ୱରେ ପୁଲିସ ଓ ଏସ୍‌ଏମ୍‌ସି କର୍ମଚାରୀଙ୍କୁ ନେଇ ଯୁଗ୍ମ ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ ହୋଇଛି । ନିୟମ ଉଲଂଘନ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ସେହିପରି ବ ର୍ମାନ ସ୍ୱାସ୍ଥ୍ୟ ସୁବିଧା ପାଇଁ ସମସ୍ତ କୋଭିଡ୍ ହସ୍ପିଟାଲ୍, ସିସିସି କେନ୍ଦ୍ରରେ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯିବା ସହ ଅକ୍ସିଜେନ୍ ଓ ଅନ୍ୟାନ୍ୟ ଚିକିତ୍ସା ସୁବିଧା ହେଉଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି ।

ଏସ୍‌ପି ଶ୍ରୀ ଗଙ୍ଗାଧର କହିଥିଲେ ଯେ, ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଗାଇଡ୍‌ଲାଇନ୍‌ରେ ଜୀବନ ଜୀବିକା ନେଇ କୌଣସି ସମସ୍ୟା ନାହିଁ । ତେବେ ଗାଇଡ୍ ଲାଇନ୍‌କୁ ପାଳନ କରିବା ସମସ୍ତଙ୍କ ଦାୟିତ୍ୱ । ଜନସାଧାରଣଙ୍କ ସହ ଦୋକାନୀ ଓ ମଲ୍‌ମାଲିକଙ୍କୁ ଏନେଇ ସଚେତନ କରାଯାଉଛି । ବିଭିନ୍ନ ସ୍ଥାନରେ ବସୁଥିବା ହାଟ ବଜାରକୁ ମଧ ସ୍ଥାନାନ୍ତର କରାଯାଇଛି । ନିୟମ ଯେଭଳି ପାଳନ ହେବ ଏନେଇ ଦୋକାନୀ ସଂଘ ସହ ମଧ ଆଲୋଚନା ହେବ । ନିୟମ ଉଲଂଘନ ହେଲେ ୭ ଦିନ ପାଇଁ ଦୋକାନକୁ ସିଲ୍ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ସଦର ଉପଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ମଧ ଉପସ୍ଥିତ ଥିଲେ ।

## ସମ୍ବଲପୁର ସହର ବୁଲି ଦେଖିଲେ ଜିଲ୍ଲାପାଳ




ସମ୍ବଲପୁର : ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମ୍ବଲପୁର ସହରର ଲକ୍ଷ୍ମୀଟକିଜ ଛକ, ସରକାରୀ ବସ୍‌ଷ୍ଟାଣ୍ଡ, ସମ୍ବଲପୁର ରୋଡ୍ ରେଳ ଷ୍ଟେସନ, ପିଏଚ୍‌ଡି ପଡ଼ିଆ ଆଦି ବୁଲି ଦେଖିଥିଲେ । ତେବେ ରାସ୍ତାଗୁଡ଼ିକରେ ଭିଡ଼ ଅଧିକ ରହୁଥିବାରୁ ଭିଡ଼ ନିୟନ୍ତ୍ରଣ କିଭଳି ହେବ ତାହା ଉପରେ ଜିଲ୍ଲାପାଳ ଶ୍ରୀ ପରିଡ଼ା ଗୁରୁତ୍ୱାରୋପ କରିଥିଲେ । ସେପଟେ, ଲକ୍ଷ୍ମୀଟକିଜ ଛକରେ ଥିବା ବଜାରକୁ କିଭଳି ଭାବେ ସ୍ଥାନାନ୍ତର କରାଯାଇପାରିବ ସେନେଇ ବି ଚିନ୍ତା କରାଯିବାର ଆବଶ୍ୟକତା ରହିଥିବା ନେଇ ଜିଲ୍ଲାପାଳ ଅନ୍ୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ପିଏଚ୍‌ଡି ପଡ଼ିଆକୁ ବ୍ୟବହାର କରି ସହରର ଭିଡ଼ ନିୟନ୍ତ୍ରଣ କିଭଳି କରାଯିବ ସେନେଇ ବି ଜିଲ୍ଲାପାଳ ଆଲୋଚନା କରିଥିଲେ । ଶେଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅନତି ଦୂରତାରେ ଥିବା ସମ୍ବଲପୁର କ୍ଲବ୍‌ର ସ୍ଥିତି ବି ଜିଲ୍ଲାପାଳ ଶ୍ରୀ ପରିଡ଼ା ଅନୁଧାନ କରିଥିଲେ ।

## କୀର୍ତ୍ତନ ଗୁରୁ ସୁଶୀଲ କର୍ଣ୍ଣଙ୍କ ପରଲୋକ

ସମ୍ବଲପୁର : ଦେବେଇପାଲିର ଜଣାଶୁଣା କୀର୍ତ୍ତନ ଗୁରୁ ସୁଶୀଲ କର୍ଣ୍ଣଙ୍କ ପରଲୋକ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ବୟସ ହେଉଥିଲା । କିଛି ଦିନ ହେବ ତାଙ୍କ ଦେହ ଅସୁସ୍ଥ ଥିଲା । ତାଙ୍କ ପୁଅ, ଝିଅ, ସ୍ତ୍ରୀ ଅଛନ୍ତି । ସ୍ଥାନୀୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ପୁଅ ଶ୍ରୀନିବାସ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ସଭାପତି ହେମନ୍ତ କୁମାର ମହାପାତ୍ର, ସଂପାଦକ ଲୋକନାଥ ମିଶ୍ର, ପ୍ରଭାରୀ ରାଧେକୃଷ୍ଣ ପଣ୍ଡା ଓ ଜିଲ୍ଲା ସଭାପତି ସନ୍ତୋଷ କୁମାର ବାରିକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।



## ଆଶୀର୍ବାଦ ଯୋଜନାରେ ଦେବଗଡ଼ ଜିଲ୍ଲାକୁ ମିଳିଲା ୫ଲକ୍ଷ ୭୧ ହଜାର

ଦେବଗଡ : ସରକାରଙ୍କ ଆଶୀର୍ବାଦ ଯୋଜନାରେ ଜିଲ୍ଲାର ୩୭୩ ଶିଶୁଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଅର୍ଥ ମଞ୍ଜୁର ହୋଇଛି । ଜିଲ୍ଲାରେ ଅଦ୍ୟାବଧି ଏହିଯୋଜାରେ ସାମିଲ୍ ପାଇଁ ୮୩୪ଜଣ ଶିଶୁଙ୍କୁ ଚିହ୍ନଟ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଗତ ଜୁଲାଇ ମାସ ୧୦୩ ଶିଶୁଙ୍କୁ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଗତ ଅଗଷ୍ଟ ମାସ ୩୫୮ ଶିଶୁଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏବେ ତୃତୀୟ ପର୍ଯ୍ୟାୟ ପାଇଁ ଜିଲ୍ଲାର ୩୭୩ ଜଣ ଶିଶୁଙ୍କୁ ପାଇଁ ସର୍ବମୋଟ ୫ ଲକ୍ଷ ୭୧ ହଜାର ଟଙ୍କା ମଞ୍ଜୁର କରିଥିବା ଜଣାପଡିଛି । ଏଥିସହ ତୃତୀୟ ପର୍ଯ୍ୟୟରେ ଉପକୃତ ହୋଇଥିବା ୩୭୩ ଶିଶୁ ହିତାଧିକାରୀଙ୍କ ମଧରୁ ପୌରାଂଚଳର ୨୧, ରିଆମାଳ ବ୍ଲକର ୯୬, ବାରକୋଟ ବ୍ଲକର ୧୫୫ ଓ ତିଳେଇବଣି ବ୍ଲକର ୧୦୧ ଜଣ ରହିଥିବା ବେଳେ ସେମାନଙ୍କ ମଧରୁ ୧୮୬ ପୁଅ ଓ ୧୮୭ ଜଣ ଝିଅ ୧୮ ବର୍ଷ ହେବା ପର୍ଯ୍ୟନ୍ତ ଉକ୍ତ ସରକାରୀ ସହାୟତା ପାଇବେ । ସୂଚନାଯୋଗ୍ୟ, ଆଶୀର୍ବାଦ ଯୋଜନାରେ ସ୍ୱତନ୍ତ୍ର ଯତ୍ନର ଆବଶ୍ୟକ କରୁଥିବା ବାପ-ମା ଛେଉଣ୍ଡ ପିଲାଙ୍କୁ ମାସିକ ୨୫୦୦ ଓ ରୋଜଗାରକ୍ଷମ ବାପା କିମ୍ବା ମାଆଙ୍କୁ ହରାଇଥିବା ଶିଶୁଙ୍କୁ ମାସିକ ୧୫୦୦ ଟଙ୍କା ସହାୟତା ପ୍ରଦାନ ପାଇଁ ଧାର୍ଯ୍ୟ ହୋଇଛି ।

## ଲିପିକାଙ୍କୁ ଚନ୍ଦ୍ରଶେଖର ସମ୍ମାନ

ସମ୍ବଲପୁର : ସରକାରୀ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ଅଧାପିକା ଡ. ଲିପିକା ମିଶ୍ରଙ୍କୁ ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମନନ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ‘ଚନ୍ଦ୍ରଶେଖର ନାଟ୍ୟ ସମ୍ମାନ ପ୍ରଦାନ କରାଯାଇଛି । ଭୁବନେଶ୍ୱର ରବିନ୍ଦ୍ର ମଣ୍ଡପରେ ଅନୁଷ୍ଠାନର ବାର୍ଷିକୋତ୍ସବ ଅବସରରେ ତାଙ୍କୁ ଏହି ସମ୍ମାନ ଦିଆଯାଇଛି ।



## ବିଶ୍ୱାତ୍ମ ଚେତନା ପରିଷଦର ୪୪ତମ ସାଧାରଣ ଅଧିବେଶନ

ବଲାଙ୍ଗୀର : ବିଶ୍ୱାତ୍ମ ଚେତନା ପରିଷଦର ୪୪ତମ ସାଧାରଣ ଅଧିବେଶନ ପରିଷଦର ସଂସ୍ଥାପକ-ଅଧକ୍ଷ ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଜୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଭାରତୀୟ ସନ୍ୟାସ ପରଂପରାର ଜଣେ ମହାନ ସନ୍ଥ ସନ୍ନ୍ୟାସ ଆଶ୍ରମ, କନଖଲ, ହରିଦ୍ୱାରର ବ୍ରହ୍ମଲୀନ ମହାମଣ୍ଡଳେଶ୍ୱର ସ୍ୱାମୀ ଶ୍ରୀ ମହେଶ୍ୱରାନନ୍ଦ ପୁରୀ ଜୀ ମହାରାଜଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । କାର୍ଯ୍ୟକ୍ରମକୁ ପରିଷଦର ସାଧାରଣ ସମ୍ପାଦକ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ ଜୀ ବାର୍ଷିକ ବିବରଣୀ ପ୍ରଦାନ କରିବା ସହିତ ସମଗ୍ର କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।

ଏହି ଅଧିବେଶନରେ ପରିଷଦ ତରଫରୁ ବିଶ୍ୱାତ୍ମ ଚେତନା ପରିଷଦ ସମ୍ମାନ-୨୦୨୧ ଶ୍ରୀ ଦୀପ୍ତିପ୍ରକାଶ ନନ୍ଦ, ଭୁବନେଶ୍ୱର, ପ୍ରଜ୍ଞାଶକ୍ତି ସମ୍ମାନ ୨୦୨୧ ଶ୍ରୀମତୀ ପଙ୍କଜିନୀ ଚୋପଦାର, ବଲାଙ୍ଗୀର, କର୍ମଯୋଗୀ ସମ୍ମାନ -୨୦୨୧ କଳାକାହ୍ନୁ ପୁଟେଲ, ବଲାଙ୍ଗୀର, ବିଶିଷ୍ଟ କର୍ମଯୋଗୀ ସମ୍ମାନ - ୨୦୨୧ କମଲ ମହାକୁଡ, ବରଗଡ ଏବଂ ବିଶ୍ୱାତ୍ମ ଚେତନା ପ୍ରତିଭା ସମ୍ମାନ - ୨୦୨୧ ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ, ଭୁବନେଶ୍ୱରଙ୍କୁ ଦିଆଯିବା ପାଇଁ ମନୋନୀତ କରାଯାଇଥିଲା ।

ପରିଶେଷରେ ବିଶ୍ୱାତ୍ମ ଚେତନା ପରିଷଦର ଉପସଭାପତି ସ୍ୱାମୀ ଶ୍ରୀ ନିତ୍ୟମୁକ୍ତାନନ୍ଦ ସରସ୍ୱତୀ ଜୀ ଉପସ୍ଥିତ ଧନ୍ୟବାଦ ଅର୍ପଣ କରିଥିଲେ ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ ‘ସ୍ୱୀକାର’ ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

09 - 15 January 2022



# ‘ପଶ୍ଚିମ ଓଡିଶାର ଗାନ୍ଧୀ’ ନୃସିଂହ ଗୁରୁଙ୍କ ୩୮ତମ ଶ୍ରାଦ୍ଧବାର୍ଷିକୀ ପାଳିତ









ସମ୍ବଲପୁର : ‘ପଶ୍ଚିମ ଓଡିଶାର ଗାନ୍ଧୀ’ ରୂପେ ପରିଚିତ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ତଥା ସାମ୍ବାଦିକ ନୃସିଂହ ଗୁରୁଙ୍କ ୩୮ତମ ଶ୍ରାଦ୍ଧଦିବସରେ ବହୁ ବିଶିଷ୍ଟ ବ୍ୟକ୍ତି, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ପ୍ରତିନିଧି ଓ ରାଜନୈତିକ ନେତୃବର୍ଗ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାର, ପୂର୍ବତନ ସମ୍ବଲପୁର ସାଂସଦ ଭବାନୀ ଶଙ୍କର ହୋତା, ଭାରତୀୟ ଜନତା ପାର୍ଟିର ସମ୍ବଲପୁର ଜିଲ୍ଲା ସଭାପତି ଗିରିଶ ପଟେଲ, ହୀରାଖଣ୍ଡ ନାଗରିକ ପରିଷଦର ସଭାପତି ଡାକ୍ତର ଜୟଦେବ ମେହେର, ଓଡିଶା ସାଂସ୍କୃତିକ ସମାଜର ସଭାପତି ପ୍ରଫୁଲ୍ଲ ହୋତା, ବୋଧରାମ ଦାଶ, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପଣ୍ଡା, ଆଇନଜୀବୀ ଦୀନଦୟାଲ ଅଗ୍ରୱାଲ, ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ପ୍ରଫୁଲ୍ଲ ଗୁରୁ, ସମାଜସେବୀ କାର୍ତ୍ତିକ ପ୍ରସାଦ ବହିଦାର, ମୁନା ତିୱାରୀ, ବାବାଜୀ ପଟ୍ଟନାୟକ ପ୍ରମୁଖ ସହର ଉପକଣ୍ଠସ୍ଥ ମନ୍ଦଲିଆ ଠାରେ ସ୍ୱର୍ଗତ ଗୁରୁଙ୍କ ନାମରେ ନାମିତ ପାର୍କରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ତ୍ୟାଗପୂତ ଜୀବନର ସ୍ମୃତିଚାରଣ କରିଥିଲେ ।

ସେହିପରି ସ୍ୱର୍ଗତ ଗୁରୁ ଜନ୍ମଗ୍ରହଣ କରିଥିବା ଶାସନ ଥାନା ଅନ୍ତର୍ଗତ ଗୁରୁପାଲି ଗ୍ରାମଠାରେ ବ୍ରଜୌଲି ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଆଜି ଏକ ସଭାର ଆୟୋଜନ କରାଯାଇଥିଲା । ଭାରତୀୟ ଖାଦ୍ୟ ନିଗମର ଅବସରପ୍ରାପ୍ତ ଡିପୋ ମ୍ୟାନେଜର ଶ୍ରୀ ଶ୍ୟାମ ସୁନ୍ଦର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି ଓ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ହେମନ୍ତ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସ୍ୱର୍ଗତ ଗୁରୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ଅନ୍ୟାନ୍ୟ ମାନଙ୍କ ମଧ୍ୟରେ କାର୍ତ୍ତିକ ପ୍ରସାଦ ବହିଦାର, ଜୀବର୍ଦ୍ଧନ ରାଉତ ଓ ଲକ୍ଷ୍ମଣ ବାଗ ପ୍ରମୁଖ ଭାଷଣ ଦେଇଥିଲେ । ଏହି ଅବସରରେ ଆୟୋଜିତ କ୍ୱିଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ଜିଲ୍ଲା ସ୍କୁଲର ୪ ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରଫୁଲ୍ଲ ପତି ସ୍ମୃତି ପୁରସ୍କାର

ସମ୍ବଲପୁର : ବିଶିଷ୍ଟ ଶିକ୍ଷାବିତ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ପତିଙ୍କ ସ୍ମୃତିରେ ତାଙ୍କ ଧର୍ମପତ୍ନୀ ସ୍ନେହଲତା ପତି ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ୪ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୧୨ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି । ବିଦ୍ୟାଳୟର




ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ପ୍ରଧାନ ଶିକ୍ଷକ ଯଶୋବନ୍ତ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏକ ଉତ୍ସବରେ ଛାତ୍ର ପ୍ରୀତିଶ କୁମାର ଦାଶ, କ୍ଷେତ୍ରବାସୀ ପ୍ରଧାନ, ସୁବଳ କୁମାର ପ୍ରଧାନ ଓ ଛାତ୍ରୀ କେହେକେସା ଖାନଙ୍କୁ ପୁରସ୍କାର ରାଶି ବାବଦକୁ ଚେକ ପ୍ରଦାନ କରାଯାଇଥିଲା । ଏଥିରେ ବିଦ୍ୟାଳୟର ପୁରାତନ ଛାତ୍ର ସଂଘ ସଭାପତି ଶଶାଙ୍କ ଶେଖର ପୁରୋହିତ, ସମ୍ପାଦକ ଡାକ୍ତର ଦିଲୀପ ନନ୍ଦ, ବରିଷ୍ଠ ଶିକ୍ଷକ ସୋରେନ କୁମାର ପ୍ରଧାନ, ସହକାରୀ ଶିକ୍ଷକ ପ୍ରତାପ କେଶରୀ ତ୍ରିପାଠୀ, କୁଳମଣି ଦାଶ, ନାରାୟଣ ସାମଲଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ଅଇଁଠାପାଲି ପୁଲିସ୍ ପକ୍ଷରୁ ରକ୍ତଦାନ ଶିବିର




ସମ୍ବଲପୁର: ଅଇଁଠାପାଲି ପୁଲିସ୍ ପକ୍ଷରୁ ଥାନା ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଏସ୍.ପି ବାତୁଲା ଗଙ୍ଗାଧର ଏହି ଶିବିରର ଉଦଘାଟନ କରିଥିଲେ । ଥାନାଧିକାରୀ ଯୋଗେଶ୍ୱର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ମୋଟ୍ ୧୫୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ସମ୍ବଲପୁର ଓ ବୁର୍ଲା ରକ୍ତଭଣ୍ଡାର କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଥାନାଧିକାରୀ ଶ୍ରୀ ପଣ୍ଡାଙ୍କ ସମେତ ପୁଲିସ ବିଭାଗର ଅନେକ ଅଧିକାରୀ ଓ କର୍ମଚାରୀ ଶିବିରରେ ରକ୍ତଦାନ କରିଥିଲେ ।

## ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ‘ଗ୍ରୁମିଂ ସ୍କୁଲ ଷ୍ଟୁଡେଣ୍ଟସ୍’ ପ୍ରକଳ୍ପ ଉଦ୍‌ଘାଟିତ








ସମ୍ବଲପୁର : ସମ୍ବଲପୁର ସାର୍ବଜନୀନ ପାଠାଗାର ପକ୍ଷରୁ ଜାତୀୟସ୍ତରର ବିଶ୍ୱବିଦ୍ୟାଳୟ ଶିକ୍ଷାବିତ୍ ତଥା ଶିକ୍ଷକମାନଙ୍କ ସହଯୋଗରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପାଠ୍ୟକ୍ରମରେ ଉତ୍କର୍ଷରେ ପହଞ୍ଚାଇବା ପାଇଁ ଏକ ପ୍ରକଳ୍ପ ‘ଗ୍ରୁମିଂ ଅଫ୍ ସ୍କୁଲ ଷ୍ଟୁଡେଣ୍ଟସ୍’ ଉଦଘାଟିତ ହୋଇଯାଇଛି । ଏହା ଦ୍ୱାରା ଯୁବ ସମାଜର ସାମଗ୍ରିକ ଅଭିବୃଦ୍ଧି ସହ ଯେ କୌଣସି ପରିସ୍ଥିତିର ସମ୍ମୁଖୀନ ହେବାକୁ ସେମାନଙ୍କୁ ପ୍ରସ୍ତୁତ କରାଯାଇ ପାରିବ । ଏହି ପ୍ରକଳ୍ପ ସମ୍ବଲପୁର ସାର୍ବଜନୀନ ପାଠାଗାର ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରାମାନୁଜନ କଲେଜର ସହଭାଗିତାରେ ଆରମ୍ଭ କରାଯାଇଛି । ଏଥିରେ ପାଠାଗାର ସହିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଓଏସଓୟୁ, ଆଇଆଇଏମ୍ ଓ ଭିମସାର ସହିତ ବୁଝାମଣା ପତ୍ର ବିନିମୟ ହୋଇଥିଲା । କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡକ୍ଟର ସୁରେଶ ଚନ୍ଦ୍ର ଦଳେଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ନୂତନ କରି ତିଆରି ହୋଇଥିବା ‘ହଲ୍ ଅଫ୍ ଏକ୍‌ଲେନ୍ସ’ ପ୍ରେକ୍ଷାଳୟକୁ ଉଦ୍‌ଘାଟନ କରିଥିଲେ । ଏହି ପ୍ରେକ୍ଷାଳୟ ନିର୍ମାଣ ସକାଳେ ଡାକ୍ତର ନାରାୟଣୀ ପଣ୍ଡା ୧୦ ଲକ୍ଷ ଟଙ୍କା ତାଙ୍କ ବାପା ଡାକ୍ତର ଗଙ୍ଗାସାଗର ପଣ୍ଡା ଓ ମାତା ଜନକପ୍ରିୟା ପଣ୍ଡାଙ୍କ ସ୍ମୃତିରେ ପ୍ରଦାନ କରିଛନ୍ତି । ଏହା ସହିତ ନୂତନ କରି ଲାଗିଥିବା ଲିଫ୍ଟକୁ ମଧ ଆରଡିସି ଉଦଘାଟନ କରିଥିଲେ । ବିଭିନ୍ନ ବିଶ୍ୱବିଦ୍ୟାଳୟ ସହଭାଗିତାରେ ହେବାକୁ ଥିବା ଏହି ପ୍ରକଳ୍ପ ସକାଶେ ପ୍ରସ୍ତୁତ ନଥିପତ୍ରକୁ ପୂର୍ବତନ ଶିକ୍ଷା ମଣ୍ଡଳାଧୀଶ ଗିରିଧାରୀ ହୋତା ପାଠ କରିଥିଲେ । ଏହାପରେ ଜାତୀୟସ୍ତରରୁ ଆଭାସିରେ ଏହି କାର୍ଯ୍ୟକ୍ରମକୁ ନେଇ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା । ପାଠାଗାର ଅଧକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍.ନାଗରାଜୁ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏ.କେ ଦାସମହାପାତ୍ର, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବଂଶୀଧର ମାଝୀ, ଆଇଆଇଏମ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲ, ଭିମସାର ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଲଳିତ କୁମାର ମେହେର, ଭାରତୀୟ ଜୀବନ ବୀମା ନିଗମର ମଣ୍ଡଳ ପ୍ରବନ୍ଧକ ବି.ଏଲ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ଉପାଧକ୍ଷ ପ୍ରଫେସର ଶଙ୍କର ପ୍ରସାଦ ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭ୍ୟ ସଚିବ ରଘୁନାଥ ମିଶ୍ର ୨୦୦୩ ମସିହାରେ ସ୍ଥାପିତ ହୋଇଥିବା ସାର୍ବଜନୀନ ପାଠାଗାରର ବିବରଣୀ ପ୍ରଦାନ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra